ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Vol.26 . No.122 Bhubaneswar Monday June 19 2023 | ୨୬ତମ ବର୍ଷ ସଂଖ୍ୟା–୧୨୨ ଭୁବନେଶ୍ୱର, ସୋମବାର, ଜୁନ ୧୯, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


# ଦିନକ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା: କାଲି ମଧ ରାତିରୁ କଟକଣା


ପୁରୀ,୧୮ ।୬(ପି.ଏନ): ଦିନକ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଭକ୍ତଙ୍କ ପାଇଁ ବଡଦାଣ୍ଡକୁ ଓହ୍ଲାଇ ଆସିବେ ମହାବାହୁ। କୋଟି କୋଟି ଶ୍ରଦ୍ଧାଳୁଙ୍କ ଗହଣରେ ମହାପ୍ରଭୁ ରଥରେ ବସି ଶ୍ରୀମନ୍ଦିର ଛାଡି ଜନ୍ମବେଦୀକୁ ଯିବେ। ସେଥିପାଇଁ ହୋଇଛି ବ୍ୟାପକ ପ୍ରସ୍ତୁତି। ଆସନ୍ତାକାଲି ହେବ ନବଯୌବନ ଦର୍ଶନ। ଜ୍ୱର ଛାଡି ଯାଇଥିବାରୁ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ। ଦୀର୍ଘ ୧୫ ଦିନ ହେବ ଠାକୁରଙ୍କ ଶ୍ରୀମୁଖ ଦର୍ଶନ କରିନଥିବାରୁ ଜମିବ ଭକ୍ତଙ୍କ ଭିଡ। ଏହାକୁ ଦୃଷ୍ଟିରେ ଆସନ୍ତାକାଲି ପାଇଁ ଶ୍ରୀମନ୍ଦିର ସୁରକ୍ଷାକୁ କଡାକଡି କରାଯାଇଛି। ଭିଡ ନିୟନ୍ତ୍ରଣ ପାଇଁ ୬୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ସେହିପରି ରଥଯାତ୍ରା ଦିନ ୧୭୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ପୁଲିସ୍ ବିଭାଗ ପକ୍ଷରୁ



ଜଣାପଡିଛି ।ରଥଯାତ୍ରା ପାଇଁ ପୂର୍ବ ବର୍ଷ ଭଳି ଚଳିତବର୍ଷ ରିଜର୍ଭ ପୁଲିସ ଲାଇନ୍ ପଡ଼ିଆରେ ରଥ ଟଣା ମକଡ୍ରିଲ୍ କରାଯାଇଛି। ବିଶେଷ କରି ତିନି ରଥର ସୁରକ୍ଷା, ରଥର ଇନର୍ ଓ ଆଉଟର କର୍ଡନ, ଜେନେରାଲ କର୍ଡନ ଦାୟିତ୍ୱରେ ଯେଉଁ ପୁଲିସ ଅଧିକାରୀ ଓ କର୍ମଚାରୀ ରହିବେ ସେମାନଙ୍କୁ ନେଇ ଏହି ମକଡ୍ରିଲ କରାଯାଇଛି। ଏଡିଜି ସଞ୍ଜୟ କୁମାର ନିଜେ ନିଜେ ଏହି ମକଡ୍ରିଲର ସମୀକ୍ଷା କରିଛନ୍ତି।

## ଗଜପତି କରିଛନ୍ତି ୪ ପରିକଳ୍ପନା; ସତରେ କ'ଣ ପୂର୍ଣ୍ଣ ହେବ ?

ଭୁବନେଶ୍ୱର,୧୮ ।୬(ପି.ଏନ): ଭାରତର ଚାରିଧାମ ମଧ୍ୟରୁ ଶ୍ରୀକ୍ଷେତ୍ର ସ୍ୱତନ୍ତ୍ର। ଯାହାକି ଭଗବାନ ବିଷ୍ଣୁଙ୍କ ଭୋଜନ କ୍ଷେତ୍ର ଭାବେ ପରିଚିତ। ତେଣୁ ଏଠାକୁ ଆସୁଥିବା ପ୍ରତିଟି ଭକ୍ତ ଜଗନ୍ନାଥ ଦର୍ଶନ ସହ ମହାପ୍ରସାଦ ସେବନ ଇଚ୍ଛା ରଖିଥାଏ। ହେଲେ ଆନନ୍ଦ ବଜାରରେ ଅବ ?ାର ଅସମାନ ଦର ଓ ସୀମିତ ସ୍ଥାନ ଯୋଗୁ ଏଥିରୁ ଅନେକ ଭକ୍ତ ବଞ୍ଚିତ ହେଉଛନ୍ତି। ତେଣୁ ତା'ର ପ୍ରତିକାର ପାଇଁ ଏକ ଅଭିନବ ପଦକ୍ଷେପ ଭାବେ ଅନ୍ନ ଯଜ୍ଞ କ୍ଷେତ୍ରର ନିର୍ମାଣ ଚିନ୍ତାଧାରା ରହିଛି। ଓଟିଭିକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ଏହା କହିଛନ୍ତି ଗଜପତି ମହାରାଜ ଦିବ୍ୟସିଂହ ଦେବ। ଗଜପତି କହିଛନ୍ତି,



ଅନ୍ନ ଯଜ୍ଞରେ ୩ ପ୍ରକାର ଭୋଜନ ବ୍ୟବସ୍ଥା ରହିବ। ପ୍ରଥମଟିରେ ବିନାମୂଲ୍ୟରେ ଭକ୍ତଙ୍କୁ ପ୍ରତ୍ୟକ ଦିନ ନିଶୁଳ୍କ ମହାପ୍ରସାଦ ପରଷା ଯିବ। ଦ୍ୱିତୀୟ ବ୍ୟବସ୍ଥା ଆନନ୍ଦ ବଜାରରେ ରହିବ। ଯେଉଁଠି ସ୍ୱଳ୍ପ ଓ ନିର୍ଦ୍ଧାରିତ ମୂଲ୍ୟରେ ଅବଢ଼ା ମିଳିବ। ତୃତୀୟ ଭୋଜନାଳୟଟି ଶୀତତାପ ନିୟନ୍ତ୍ରିତ କୋଠରୀରେ ହେବ। ଯେଉଁଠି ଭକ୍ତମାନେ ସାମାନ୍ୟ ଉଚ୍ଚ। ଦରରେ ମହାପ୍ରସାଦ ପାଇବେ।

## ଲାଇନଚ୍ୟୁତ ହେଲା ମାଲ ବୋଝେଇ ଟ୍ରେନ୍

ଭୁବନେଶ୍ୱର,୧୮ ।୬(ପି.ଏନ): ପୁଣି ଲାଇନଚ୍ୟୁତ ହେଲା ମାଲ ବୋଝେଇ ଟ୍ରେନ୍। ଲୁହା ଗୁଣ୍ଡ ବୋଝେଇ ଟ୍ରେନର ୬ଟି ୱାଗନ ଟ୍ରାକ୍‌ରୁ ଖସି ପଡିଛି। କୋରାପୁଟ ସୀମାନ୍ତ ଆନ୍ଧ୍ରପ୍ରଦେଶର ବୋଦାଭରା ନିକଟରେ ଆଜି ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି। ଏହି ମାଲବାହୀ ଟ୍ରେନ୍ କିରଣ୍ଡୁଲରୁ ବିଶାଖାପାଟଣା ଯାଉଥିଲା।ମାଲ ଗାଡି ଡିରେଲ ହେବାରୁ ଚିମିଡ଼ିପାଲିରେ ବିଶାଖାପାଟଣାରୁ କର୍ଣ୍ଣୁଲ ଯାଉଥିବା ପାସେଞ୍ଜର ଟ୍ରେନ ଅଟକ ରହିଛି।

## ରେଳ ମନ୍ତ୍ରୀଙ୍କ ତିନି ଦିନିଆ ଓଡ଼ିଶା ଗସ୍ତ



ଭୁବନେଶ୍ୱର,୧୮ ।୬(ପି.ଏନ): ମାନ୍ୟବର ରେଳ, ଯୋଗାଯୋଗ, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ୧୯ ଜୁନ୍ ୨୦୨୩ ରୁ ତିନି ଦିନିଆ ଗସ୍ତରେ ଓଡିଶା ଆସିବେ। ତାଙ୍କ ଗସ୍ତ ସମୟରେ ଶ୍ରୀ ବୈଷ୍ଣବ ୧୯ ତାରିଖ ସନ୍ଧ୍ୟାରେ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ରେଳ ଷ୍ଟେସନ ନିରୀକ୍ଷଣ କରିବା ସହ ତୀର୍ଥଯାତ୍ରୀଙ୍କ ପାଇଁ ଆୟୋଜନ କରାଯାଇଥିବା ବିଭିନ୍ନ ସୁବିଧା ଓ ବ୍ୟବସ୍ଥା ସମୀକ୍ଷା କରିବେ । ଜୁନ ୨୦ ତାରିଖ ପୂର୍ବାହ୍ନରେ ଶ୍ରୀ ବୈଷ୍ଣବ ପୁରୀରେ ରଥ ଯାତ୍ରା ପରିଦର୍ଶନ କରିବା ପରେ ବାଲେଶ୍ୱର ଜିଲ୍ଲା ବାହାନାଗା ବଜାରକୁ ଯାଇ ସ୍ଥାନୀୟ ଲୋକଙ୍କ ସହ କଥାବାର୍ତ୍ତା ହେବେ । ସେ ମଧ ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନା ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହ ଆଲୋଚନା କରିବେ। ଏହା ବ୍ୟତୀତ ଶ୍ରୀ ବୈଷ୍ଣବ ବାଲେଶ୍ୱର ରେଳ ଷ୍ଟେସନର ବିକାଶ ଯାଞ୍ଚ କରିବା ସହିତ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବେ ।

## ବଡ଼ଦାଣ୍ଡରେ ବିକ୍ରି ହେଉଥିବା ଖଜା ଦିଅଁଙ୍କ ଭୋଗ ନୁହେଁ

ପୁରୀ, ୧୮ ।୬(ପି.ଏନ): ମହାପ୍ରସାଦର ଅନୁରୂପ ଭାବେ ରୋଷେଇ କରି କୁଡୁଆରେ ଭର୍ତି କରି ରଖିଥିବା ଖବର ପ୍ରସାରଣ ପରେ ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି । ସେହିପରି ପ୍ରତିଦିନ ପ୍ରାୟ ୫ କ୍ୟୁଟାଂଲ ଫେଣି ଖଜା ଦିଅଁଙ୍କ ଭୋଗ କହି ବଡ଼ଦାଣ୍ଡରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏହି ଖଜାର ପ୍ରସ୍ତୁତି ବିଭିନ୍ନ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗୋଡ଼ରେ ଚକଟି ବିକ୍ରି କରାଯାଉଥିବା ଶୁଣିବାକୁ ମିଳୁଛି। ବଡ଼ଦାଣ୍ଡ, ସମୁଦ୍ରକୂଳ, ବସଷ୍ଟାଣ୍ଡ, ସ୍ୱର୍ଗଦ୍ୱାର,ଅଠରନଳା ସମତେ ସାହିଗଳି କନ୍ଦି ଛକରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଖୋଲା ଖଜା ଦୋକାନରେ ଏହି ଖଜା ବିକ୍ରି ହେଉଛି। ବାହାରୁ ଆସୁଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମହାପ୍ରଭୁଙ୍କ ଖଜା ଭାବି ମୁଣ୍ଡିଆ ମାରିବା ସହ ଅତ୍ୟଧିକ ମୂଲ୍ୟ ଦେଇ କିଣୁଥିବା ଦେଖିବାକୁ ମିଳୁଛି। ଯଦି ଅଭଡ଼ାର ନକଲ ହୋଇପାରିଲା ତାକୁନେଇ ଖୋଳତାଡ଼ ଆରମ୍ଭ ହୋଇଛି । ତେବେ ପ୍ରତିଦିନ ଖଜା ଦୋକାନରୁ ଗ୍ରାହକମାନେ ଭୋଗ ନାମରେ ଠକେଇର ଶିକାର ହୋଇପଡୁଥିବା ବେଳେ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ମଇଦାକୁ ଗୋଡ଼ରେ ଚକଟି ପାଗ କରାଯାଉଛି । ପରେ ବେଲାଯାଇ ଖଜା ଆକୃତିର ପରସ୍ତ ପରସ୍ତ କରି ରଖାଯାଉଛି । ପରେ ଏହାକୁ ଛଣାଯାଇ ବିଭିନ୍ନ ସ୍ଥାନକୁ ଯୋଗାଇ ଦିଆଯାଉଛି । ମାସ ମାସ ଦରି ରହିବା ପରେ ବିକ୍ରି ପୂର୍ବରୁ ଶିରାରେ ବିକ୍ରି କରାଯାଉଛି । ଅନେକ ବଙ୍ଗୀୟ ଭକ୍ତ ଏହି ଖଜା ଖାଇ ନାଳରକ୍ତ ଝାଡ଼ା, ପେଟ ମୋଡ଼ିବା ସହ ପେଟ ଅନେକ ରୋଗ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ରଥଯାତ୍ରା ସମୟରେ ପ୍ରତିଦିନ ୨୦ କ୍ୟୁଟାଂଲରୁ ଉର୍ଦ୍ଧ୍ୱ ଖଜା ବିକ୍ରି ହେବାର ସମ୍ଭାବନା ରହିଛି । ରଥଯାତ୍ରା ପାଇଁ ୫ଜଣ ଖାଦ୍ୟ ନିରାପତା ଅଧିକାରୀ ଦ୍ୱାୟୀତ୍ୱରେ ରହିଥିଲେମଧ ଖଜା ପସରାରେ ହାତ ମାରୁ ନଥିବା କୁହାଯାଉଛି । ଅନ୍ୟପକ୍ଷରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଖଜା ବ୍ୟବସାୟଙ୍କୁ ଏକାଠି କରି ଖଜା ଚକଟା ଯନ୍ତ୍ର ଋଣରେ ଯୋଗାଇ ଦେବା ପାଇଁ ୩ ବର୍ଷ ପୂର୍ବରୁ ନିଷ୍ପତି ହୋଇଥିଲେ ମଧ ଏହି ଫାଇଲ ଏବେ ନାଲି ଫିତାରେ ବନ୍ଧା ହୋଇ ରହିଛି । ଖାଲି ଅଭଡ଼ା ନକଲି ନୁହେଁ ଖଜା ନକଲିକୁ ଧରିବା ପାଇଁ ଭକ୍ତ ମହଲରୁ ଦାବି ହେଉଛି । ଏହାସହ ଖଜା ଦୋକାନରେ ଏହା ଜଗନ୍ନାଥଙ୍କ ଭୋଗ ନୁହେଁ ଜଳଖିଆ ପାଇଁ ଉଦ୍ଦିଷ୍ଟ ବୋଲି ସାଇନବୋର୍ଡ଼ରେ ଲେଖିବାକୁ ସାଧାରଣରେ ଦାବି ହେଉଛି ।

## ୫ଟି ସଚିବଙ୍କ ହସ୍ତକ୍ଷେପ ପରେ ସୋନାଲିଙ୍କ ମୁହଁରେ ଫେରିଛି ହସ, ଲାଗିବ କୃତିମ ଗୋଡ଼



ମାଲକାନଗିରି,୧୮ ।୬(ପି.ଏନ): ୫ଟି ସଚିବଙ୍କ ହସ୍ତକ୍ଷେପ ପରେ ମାଲକାନଗିରିର ସୋନାଲିଙ୍କ ମୁହଁରେ ଫେରିଛି ହସ । ଏଣିକି ଆଉ ନିଜ ଗୋଡ଼କୁ ନେଇ ଦୁଃଖ କରିବେନି ସୋନାଲି । ୫ଟି ସଚିବଙ୍କ ହସ୍ତକ୍ଷେପ ପରେ କଟରେ ସୋନାଲିଙ୍କ କୃତ୍ରିମ ଗୋଡ଼ ରୋପଣ କରାଯିବ । ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଏବେ ତାଙ୍କୁ କଟକ ପଠାଯାଇଛି । କଟକରେ ସୋନାଲିଙ୍କ କୃତ୍ରିମ ଗୋଡ଼ ଲଗାଯିବ । ଏନେଇ ସୂଚନା ଦେଇଛନ୍ତି ମାଲକାନଗିରି ଏଡିଏମଓ ଡାକ୍ତର ଶିବ ପ୍ରସାଦ ମାହାରଣା । ଜନ୍ମରୁ ୩ ମାସ ପରେ ଏକ ଦୁର୍ଘଟଣାରେ ସୋନାଲି ଗୋଟିଏ ଗୋଡ଼ ହରାଇ ଥିଲେ । ଅର୍ଥାଭାବରୁ ସୋନାଲିଙ୍କ ବାପାମାଆ କିଛି ବ୍ୟବସ୍ଥା କରିପାରିନଥିଲେ । ୧୫ ବର୍ଷ କାଳ ଗୋଟିଏ ଗୋଡ଼ରେ ଜୀବନ ବିତାଇଛନ୍ତି ସୋନାଲି । ସେଥିରେ ସେ ବହୁ କଷ୍ଟରେ ପାଠପଢ଼ା ଜାରି ରଖିଥିଲେ । ଏହି ଖବର ଟୁଇଟ୍ ମାଧ୍ୟମରେ ଜାଣିବାକୁ ପାଇଥିଲେ ଫାଇଭ-ଟି ସଚିବ ଭି. କେ ପଣ୍ଡିଆନ । ସୋନାଲି କିପରି ଚାଲିବେ, ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ୫ଟି ସଚିବଙ୍କ ନିର୍ଦ୍ଦେଶ ପରେ ତତ୍ପରତା ଦେଖାଇଥିଲା ମାଲକାନଗିରି ସ୍ୱାସ୍ଥ୍ୟ ବିଭାଗ ।






## ନଦୀରେ ଭାସୁଛି କୁଢ଼କୁଢ଼ ମଲା ମାଛ, କେହି ବିଷ ପକାଇଥିବା ଆଶଙ୍କା


ଆନନ୍ଦପୁର,୧୮ ।୬(ପି.ଏନ): ନଦୀରେ ଭାସୁଛନ୍ତି କୁଢ଼କୁଢ଼ ମଲାମାଛ । ଛାଣି ନେଉଛନ୍ତି ଲୋକ । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଜଳସୁଆ କୁଶେଇ ନଦୀରେ କୁଢ଼କୁଢ଼ ମଲାମାଛ ଭାସୁଛନ୍ତି । କେବଳ ମାଛ ନୁହଁ, କଇଁଛ, ଗେଣ୍ଡା, କୋଚିଆ ଭଳି ଜଳଜୀବ ମରି ଭାସୁଥିବା ଦେଖିବାକୁ ମିଳିଛି। ଆଜି ଭୋରରୁ ଏହି ଖବର ପ୍ରଚାରିତ ହେବା ପରେ ମାଛ ନେବାକୁ ଲୋକଙ୍କ ଭିଡ ଜମିଛି। ଗଣ୍ଡ ନିକଟରେ କେହି ଦୁର୍ବୃତ୍ତ ବିଷ ପକାଇ ଦେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା



ସ୍ଥାନୀୟ ଲୋକ ଅନୁମାନ କରିଛନ୍ତି। ଏନେଇ ପ୍ରଶାସନକୁ ଅବଗତ କରାଯିବା ପରେ ସ୍ଥାନୀୟ ଆରଆଇ ଘଟଣାସ୍ଥଳକୁ ଯାଇଛନ୍ତି। ବିଷ ପକା ଯାଇଥିବା ସନ୍ଦେହ କରାଯାଉଥିବାରୁ ମଲାମାଛ କେହି ନଖାଇବାକୁ ସରପଞ୍ଚ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଇଛନ୍ତି।

## ଉପାନ୍ତରୁ ଉପକୂଳ ସିଭିୟର ହିଟ୍ ୱେଭ ଆଲର୍ଟ, ୩ ଦିନ ପର୍ଯ୍ୟନ୍ତ ତାତିରୁ ମିଳିବନି ନିସ୍ତାର

ଭୁବନେଶ୍ୱର,୧୮ ।୬(ପି.ଏନ): ପ୍ରଚଣ୍ଡ ତାତିରେ ଜଳୁଛି ଓଡିଶା । ଉପାନ୍ତରୁ ଉପକୂଳ ସିଭିୟର ହିଟ୍ ୱେଭ ଆଲର୍ଟ । ୩ ଦିନ ପର୍ଯ୍ୟନ୍ତ ମିଳିବନି ନିସ୍ତାର । ସ୍ୱାଭବିକ ଠାରୁ ୪ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ପାରଦ । ଦିନ ୧୧ରୁ ଅପରାହ୍ନ ୩ଟା ଯାଏଁ ପିକ୍ ଆୱାର ଘୋଷଣା । ଉତ୍ତର ପଶ୍ଚିମ ଦିଗରୁ ବହୁଥିବା ଗରମ ଶୁଷ୍କ ପବନ ପ୍ରବାହରେ ତାତି ବୃଦ୍ଧି ପାଇଛି । ଗତ କାଲି ତୁଳନାରେ ଆଜି ଦକ୍ଷିଣା ଥଣ୍ଡା ପବନ ଉପକୂଳ ଓଡିଶାକୁ ପ୍ରବାହିତ ହୋଇଥିବାରୁ ତାତି ସାମାନ୍ୟ କମିଛି । ଆସନ୍ତାକାଲି ସିଭିୟର ହିଟ ୱେଭ ପାଇଁ ପଶ୍ଚିମ ଓଡିଶାର ୧୦ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ଉତ୍ତର ଉପକୂଳ ଓଡିଶାର ୮ ଜିଲ୍ଲା ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ



କେନ୍ଦ୍ର । ଆସନ୍ତା ୩ ଦିନ ପରେ ୩ରୁ ୫ ଡିଗ୍ରୀ ତାପମାତ୍ରା କମିବ ବୋଲି ଆକଳନ କରାଯାଇଛି ।ସେପଟେ କଟକ-ଭୁବନେଶ୍ୱରରେ ତାତି ଲୋକଙ୍କୁ ଛଟପଟ କରୁଛି । ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି । କିଏ ମୁଣ୍ଡରେ ଗାମୁଛା ବାନ୍ଧିଛି ତ ଆଉ କିଏ ଗଛ ମୂଳେ ବସିଛନ୍ତି । ଦିନର ଗରମଠୁ ବଳି ଯାଉଛି ରାତିର ତାତି । ଆସନ୍ତା ୨୧ ତାରିଖରେ କାଳବୈଶାଖୀ ବର୍ଷା ସମ୍ଭାବନା । ତା ପରେ ତାତି କମିବା ସହ ପାଗରେ ପରିବର୍ତ୍ତନ ହେବା ନେଇ ଆକଳନ କରାଯାଇଛି । ୨୩ ତାରିଖ ପରେ ଘୂର୍ଣ୍ଣବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ପ୍ରଭାବରେ ବର୍ଷା ହେବ ନେଇ ଅନୁମାନ କରାଯାଉଛି । ଯାହାକି ମୌସୁମୀ ବର୍ଷାକୁ ବାଟ କଡେଇ ନେବ । ବାତ୍ୟା ବିପର୍ଯ୍ୟୟ ଯୋଗୁଁ ମୌସୁମୀ ବିଳମ୍ବ ହୋଇଛି ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି ।




ନୂଆଦିଲ୍ଲୀଠାରେ ସେଂଟର ଫର ନରେନ୍ଦ୍ର ମୋଦି ଷ୍ଟଡିଜ୍ ଆନୁକୂଲ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାତା ଆଦରଣିୟା ମା' ହିରାବେନ୍‌ମୋଦୀଙ୍କର ୧୦୦ତମ ଜନ୍ମୋତ୍ସବରେ ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟାନ୍ୟ ଅତିଥିବୃନ୍ଦ

## କଂଟାଶୀଳରେ ବେଦାନ୍ତ ବିରୋଧୀଙ୍କ ବୈଠକ: ଚାଷୀ ଜଣାଇଲେ ଗୁହାରି, କେବେ ମିଳିବ ଆମ ଜମି ଓ ଘରବାରୀ

ପୁରୀ, ୧୮ ।୬(ପି.ଏନ): ୨୦୦୬ ମସିହାରୁ ନିଜର ସର୍ବସ୍ୱ ହରାଇ ଦୀର୍ଘ ୧୭ ବର୍ଷର ସଂଗ୍ରାମ ପରେ ଶେଷରେ ମାନ୍ୟବର ସୁପ୍ରିମକୋର୍ଟ ନ୍ୟାୟିକ ଶୁଣାଣୀ କରି ଦେଇଥିବା ରାୟ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିକୁ ଆଶ୍ୱସ୍ତି ଦେଇଛି । ମାତ୍ର ନିଜର ଭିଟାମାଟି ଠାରୁ ଆରମ୍ଭ କରି ଚାଷଜମି କିପରି ଫେରିପାଇବେ, ସେନେଇ ବାଇଶିମୌଜା ଅଂଚଳର ଜମିହରା ପ୍ରଜାମାନେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ବୈଠକରେ ସାମିଲ ହୋଇ ବିଚାର ବିମର୍ଷ କରୁଛନ୍ତି । ମାନ୍ୟବର ସୁପ୍ରିମକୋର୍ଟ ଏହି ମାମଲାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ମାତ୍ରାଧିକ ଅଧିଗ୍ରହଣ ଜମି ଓ ବିଭ୍ରାନ୍ତିକର ସର୍ତାବଳୀକୁ ବେଆଇନ ଦର୍ଶାଇ ୫ ଲକ୍ଷ ଟଙ୍କା ଜରିମାନା କରିଥିବା ବେଳେ ଏହି ଜମି ଅଧିଗ୍ରହଣରେ ରାଜ୍ୟ ସରକାରଙ୍କ ଭୂମିକାକୁ ଭର୍ତ୍ସନା କରିଛନ୍ତି । ବେଦାନ୍ତ ବିଶ୍ୱବିଦ୍ୟାଳୟ ଆଳରେ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି, ଗୋଚର ଜମି ଓ ବାଇଶିମୌଜା ଅଂଚଳର ସମସ୍ତ ଚାଷଜମି କିପରି ପୂର୍ବ ମାଲିକାନା ସ୍ୱତ୍ୱକୁ ଫେରିବ ସେ ନେଇ କଣ୍ଟାଶୀଳ ଗ୍ରାମରେ ଏକ ସଚେତନ ସଭା ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ସମ୍ପାଦକ ଦାମୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର୍ଷ ସମିତିର ଆବାହକ ତଥା ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ, ବିଷ୍ଣୁ ପ୍ରସାଦ ମିଶ୍ର, ପ୍ରଫୁଲ୍ଲ ସାମନ୍ତରାୟ, ସାମ୍ବାଦିକ ଦେବୀପ୍ରସାଦ ପୃଷ୍ଟି, କୈଳାସ ଚନ୍ଦ୍ର ସ୍ୱାଇଁ, ହରପ୍ରସାଦ ଜେନା, ଲକ୍ଷ୍ମଣ ପ୍ରଧାନ, ଉଦୟନାଥ ପ୍ରଧାନ, ହରିହର ପ୍ରଧାନ, ଚିତ୍ରସେନ ପ୍ରଧାନ, ଦାମୋଦର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଗ୍ରାମବାସୀ ଓ ଚାଷୀମାନେ ବେଆଇନ ଭାବେ ନିଜ ଭିଟାମାଟି ଓ ଚାଷଜମି ହରାଇ ଦୀର୍ଘ ୧୫ ବର୍ଷର ଯନ୍ତ୍ରଣା ବଖାଣି ଥିଲେ । ଫସଲ ହାନୀ ଠୁଁ ନେଇ ଚାଷ ଋଣ ନପାଇ କି ପ୍ରକାର ହଇରାଣ ହରକତ ହୋଇଛନ୍ତି ତାହା ଜଣଙ୍କ ପରେ ଜଣେ କହିଥିଲେ । ଦୀର୍ଘ ୧୭ ବର୍ଷର ଆଇନଗତ ଲଢ଼େଇ ପରେ ମାନ୍ୟବର ସୁପ୍ରିମକୋର୍ଟ ଏହି ଜମି ଅଧିଗ୍ରହଣକୁ ବେଆଇନ କହିଛନ୍ତି । ନିଜ ଜମି ଫେରିପାଇବା ପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ କହି ସଂଘର୍ଷ ସମିତିର ଆବାହକ ତଥା ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ଏହା ଧର୍ମର ବିଜୟ ହୋଇଛି ବୋଲି କହିଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଦାବିପତ୍ର ଦିଆଯିବ, ଏହାପରେ ସରକାରଙ୍କ ପରବର୍ତୀ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷା କରିବା ପାଇଁ ଶ୍ରୀରଥ ଆହ୍ୱାନ ଦେଇଥିଲେ । ଚାଷୀମାନଙ୍କ ଚାଷଜମିକୁ ଗୋଟିଏ ସରକାର ଅତି ଚଂଚକତା କରି ନେଇଯିବା ଓ ମାନ୍ୟବର ସୁପ୍ରିମକୋର୍ଟ ଏହାକୁ ବେଆଇନ କହି ଭର୍ତ୍ସନା କରିବା ଘଟଣା ସମଗ୍ର ଦେଶରେ ଏହା ଏକ ଉଦାହରଣ ପାଲଟିଛି ବୋଲି ଶ୍ରୀରଥ ଉପସ୍ଥିତ ଚାଷୀ ଓ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଆଭିମୁଖ୍ୟ ସ୍ଥିର ରଖିଥିବାରୁ ଏହି ଆନ୍ଦୋଳନକୁ ପଲ୍ଲୀ ଠୁଁ ଦିଲ୍ଲୀ ଯାଏ ନେବା ଓ ଶେଷରେ ଆମର ବିଜୟ ହେବା ମାନେ ଏହା ଆମର ନୁହେଁ, ସ୍ୱୟଂ ଶ୍ରୀଜଗନ୍ନାଥଙ୍କର ବିଜୟ ହୋଇଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଆଗାମୀ ଦିନରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଏହି ଐତିହାସିକ ବିଜୟକୁ ନେଇ ଏକ ବିଜୟ ଉତ୍ସବ ହେବ। ଏହି ଅବସରରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ସ୍ୱର୍ଗୀୟ ସଭାପତି ବେଣୁଧର ପ୍ରଧାନ ଓ ଦିବଙ୍ଗତ ବରିଷ୍ଠ ଆଇନଜୀବୀ ଜୟନ୍ତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଏହି ମାମଲାରେ ପ୍ରତ୍ୟକ୍ଷ ଭାବେ ସହଯୋଗ କରିଥିବା ମାନ୍ୟବର ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୁଷଣ ଓ ବିଶିଷ୍ଟ ସମାଜସେବୀ ମେଧା ପାଟେକରଙ୍କୁ ସମ୍ମାନିତ କରାଯିବ ବୋଲି ଶ୍ରୀ ରଥ ସୂଚନା ଦେଇଛନ୍ତି ।

## ପ୍ରକାଶ ପାଇଲା ଜେଇଇ ଆଡ୍‌ଭାନ୍ସଡ ରେଜଲ୍ଟ

ନୂଆଦିଲ୍ଲୀ,୧୮ ।୬(ପି.ଏନ): ଆଜି ପୂର୍ବାହ୍ନରେ 'ଆଇଆଇଟି-ଗୌହାଟି' ଦ୍ୱାରା 'ଜଏଣ୍ଟ ଏଣ୍ଟ୍ରାନ୍ସ୍ ଏକ୍‌ଜାମିନେସନ୍ ଆଡ୍‌ଭାନ୍ସ୍‌ଡ୍-୨୦୨୩' ଫଳାଫଳ ପ୍ରକାଶ ପାଇଛି। ଏଥିରେ ସର୍ବଭାରତୀୟ ସ୍ତରରେ ଛାତ୍ରମାନଙ୍କ ମଧ୍ୟରେ ବାବିଲଲା ଚିଦ୍‌ବିଳାସ ରେଡ୍ଡି ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ନୟାକାନ୍ତି ନାଗା ଭବ୍ୟାଶ୍ରୀ ଛାତ୍ରୀମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟ ଆଇଆଇଟି-ହାଇଦ୍ରାବାଦ ଜୋନ୍‌ର ଛାତ୍ରଛାତ୍ରୀ। ସମୁଦାୟ ୩୬୦ ନମ୍ବରରୁ ରେଡ୍ଡି ରଖିଛନ୍ତି ୩୪୧ ନମ୍ବର। ୨୯୮ ନମ୍ବର ରଖିଥିବା ଶ୍ରୀ ସର୍ବଭାରତୀୟ ସ୍ତରରେ ୫୬ତମ ସ୍ଥାନରେ ଅଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରେଷ୍ଠ ୧୦ ସ୍ଥାନରେ ଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ 'ଆଇଆଇଟି ହାଇଦ୍ରାବାଦ ଜୋନ୍‌ର ୬ଜଣ ଥିବା ବେଳେ ଆଇଆଇଟି ଦିଲ୍ଲୀ ଓ ରୂର୍କୀ ଜୋନ୍‌ରୁ ୨ଜଣ ଲେଖାଏଁ ଅଛନ୍ତି। କ୍ରମାନ୍ୱୟରେ ଶ୍ରେଷ୍ଠ ୧୦ ତାଲିକାରେ ଅଛନ୍ତି, ବାବିଲଲା ଚିଦ୍‌ବିଳାସ ରେଡ୍ଡି, ରମେଶ ସୂର୍ଯ୍ୟ ତେଜା, ଋଷି କାର୍ଲା, ରାଘବ ଗୋୟାଲ୍, ଆଡ୍ଡାଗଡା ଭେଙ୍କଟ ଶିବରାମ, ପ୍ରଭାବ ଖଣ୍ଡେଲ୍‌ୱାଲ୍, ବିକ୍କିନା ଅଭିନବ ଚୌଧୁରୀ, ମଳୟ କେଡିଆ, ନାଗୀରେଡ୍ଡି ବଲାଜୀ ରେଡ୍ଡି ଓ ଯାକ୍କାନ୍ତି ପାଣି ଭେଙ୍କଟ ମଣିଧର ରେଡ୍ଡି। ଚଳିତ ବର୍ଷ ଏହି ପରୀକ୍ଷାରେ ସମୁଦାୟ ୪୩୭୭୩ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୬୨୬୪ ହେଉଛନ୍ତି ଛାତ୍ର ଓ ୭୫୦୯ ହେଉଛନ୍ତି ଛାତ୍ରୀ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ

ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ



ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।


## କୁକୁରଙ୍କୁ ଅପମାନିତ କଲେ ଜେଲ

ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା ।



ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଜୁନ ୧୯

# ଇ-ଆବର୍ଜନାର ସଂକଟ



ବିପିନ ବିହାରୀ ରାଉତ

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ । ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ଼ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ବିଜ୍ଞାନର ଦ୍ରୁତ ବିକାଶ ଫଳରେ ମଣିଷ ହାତମୁଠାରେ ସବୁକିଛି ପାଇଯାଉଛି ଭାବନା ରଖି ଦିନକୁ ଦିନ ଜନସଂଖ୍ୟାର ବୃଦ୍ଧି, ଜଙ୍ଗଲ ସମ୍ପଦର କ୍ଷୟ, କୀଟନାଶକର ପ୍ରୟୋଗ ଓ ବ୍ୟାପକ ଯାନବାହାନ ଚଳାଚଳ ପାଇଁ ପରିବେଶକୁ ପ୍ରଦୂଷିତ କରିବା ସହ ଇ-ଆବର୍ଜନାର ସଙ୍କଟକୁ ବଢ଼ାଉଛି ମଧ୍ୟ ତେଣୁ ଆଜି ଏହି ଦିବସରେ ଆମେ ସମସ୍ତେ ସଚେତନ ହେବାପାଇଁ ନିଜ ଦାୟିତ୍ୱକୁ ନିର୍ବାହ ପାଇଁ ପ୍ରତିଜ୍ଞାବଦ୍ଧ ହେବା ଅତ୍ୟନ୍ତ ଜରୁରୀ ।

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

# ସୁପରମମ୍ ସିଣ୍ଡ୍ରୋମ୍



ଡାକ୍ତର ସମ୍ରାଟ କର

ଅନେକ ଦିନ ପରେ ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ବ୍ୟସ୍ତଭରା ଫୋନ ପାଇଲି ସେ ତାଙ୍କ ବାନ୍ଧବୀ ଅନୀତା ସମ୍ପର୍କରେ ଜଣାଇ କହିଲେ ଯେ ତାଙ୍କ ଜୀବନ ବହୁତ ବ୍ୟସ୍ତପୂର୍ଣ୍ଣ । ଘର, ପରିବାର ଓ ସଂସାରକୁ ନେଇ ଏକ ଯୌଥ ପରିବାରରେ ସେ ରୁହନ୍ତି କିନ୍ତୁ ଦୁଃଖର କଥା କିଛି ଦିନ ହେଲା ସେ ଏକ ପ୍ରକାର ଅସ୍ୱାଭାବିକ ଭାବେ ଶାରୀରିକ ଓ ମାନସିକ ଭାବେ ଜଣାଯାଉଛନ୍ତି । ମୁଁ ତାଙ୍କୁ କହିଲି ଏହାକୁ ନେଇ ସେତେଟା ବ୍ୟସ୍ତ ହେବା ଜରୁରୀ ନୁହେଁ ଏହା ହେଉଛି ଏକ ପ୍ରକାର ମାନସିକ ସମସ୍ୟା ଯାହାକୁ ସୁପରମମ୍ ସିଣ୍ଡ୍ରୋମ କୁହାଯାଏ । ସ୍ୱାମୀ, ପିଲା ଏବଂ ପରିବାର ଠାରୁ ଆରମ୍ଭ କରି ଘରର ସବୁ ଦାୟିତ୍ୱ ଜଣେ ମା' ମୁଣ୍ଡରେ ଥାଏ । ଏହି ଦାୟିତ୍ୱ ସହିତ ମା'ମାନେ ବାହାରକୁ ଯାଇ ଚାକିରି ମଧ୍ୟ କରୁଛନ୍ତି । ଯେଉଁ ମା'ମାନେ ଘର, ପିଲାଛୁଆ ଏବଂ ଅଫିସ ଦାୟିତ୍ୱକୁ ଭଲ ଭାବେ ତୁଲାଇ ପାରିଥାନ୍ତି, ସେମାନଙ୍କୁ କୁହାଯାଇଥାଏ ସୁପରମମ୍ । ଏହା ସେମାନଙ୍କର ଶାରୀରିକ ଏବଂ ମାନସିକ ସମସ୍ୟାର କାରଣ ହୋଇଥାଏ । ଆଜିକାଲି ମହିଳାମାନେ ସବୁ କାମ ନିଜେ କରିବାକୁ ଚେଷ୍ଟା କରୁଛନ୍ତି, ଆତ୍ମନିର୍ଭର ହେଉଛନ୍ତି । କିନ୍ତୁ ଅଫିସ କାମ ଏବଂ ଘର କାମ ଭିତରେ ସନ୍ତୁଳନ ରଖିବା ସେତେଟା ସହଜ ନୁହେଁ । ଏତାପରେ ମଧ୍ୟ ସେମାନଙ୍କ ଉପରେ ଆଦର୍ଶ ପ୍ୟାରେଣ୍ଟ ଏବଂ ସ୍ତ୍ରୀ ହେବାର ଚାପ ପକାଯାଇଥାଏ । ଏସବୁ ଭିତରେ ନିଜର ଦାୟିତ୍ୱ ନେବା ସେମାନେ ଭୁଲି ଯାଆନ୍ତି । ଯାହାଦ୍ୱାରା ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଥାଏ । ସୁପରମମ୍ ସିଣ୍ଡ୍ରୋମର ମୁଖ୍ୟ ଲକ୍ଷଣ ହେଲା ସବୁବେଳେ ଚାପରେ ରହିବା । ଶାରୀରିକ ଲକ୍ଷଣ ଗୁଡ଼ିକ ହେଲା ଓଜନ ବୃଦ୍ଧି ପାଇବା, ପେଟ ସମସ୍ୟା, ମାଂସପେଶୀରେ କଷ୍ଟ, ନିଶ୍ୱାସ ନେବାରେ ସମସ୍ୟା । ସୁପରମମ୍ ସିଣ୍ଡ୍ରୋମ ସମସ୍ୟା ଦେଇ ଗତି କରୁଥିବା ମା' ମାନେ ନିଜ ଉପରେ ଜମାରୁ ଧ୍ୟାନ ଦେଇନଥାନ୍ତି । ସେମାନେ ନିଜର ଆବଶ୍ୟକତାକୁ ଗୁରୁତ୍ୱ ଦେବା ବଦଳରେ ଅନ୍ୟଙ୍କ ଆବଶ୍ୟକତାକୁ ପ୍ରଥମେ ଦେଖିଥାନ୍ତି । କୌଣସି ଜିନିଷରେ ସେମାନେ ଖୁସି ହୋଇ ପାରିନଥାନ୍ତି । କିନ୍ତୁ ସୁପରମମ୍ ସିଣ୍ଡ୍ରୋମ ବିନା ଡକ୍ଟର କିମ୍ବା ମେଡ଼ିସିନ ଦ୍ୱାରା ମଧ୍ୟ ଭଲ ହୋଇପାରିବ । ଏହାକୁ ଭଲ କରିବାକୁ ହେଲେ ପ୍ରଥମେ ନିଜ ପାଇଁ ସମୟ ବାହାର କରିବାକୁ ହେବ ଏବଂ ଜୀବନଶୈଳୀ ପରିବର୍ତ୍ତନ କରିବାକୁ ପଡ଼ିବ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ଘୋଷଯାତ୍ରା ଦେଇଥାଏ 'ବିଶ୍ୱମୈତ୍ରୀ' ର ସନ୍ଦେଶ



ଉମାଶଙ୍କର ପ୍ରସାଦ

ଶ୍ରୀ ଜଗନ୍ନାଥ ଙ୍କ ଘୋଷଯାତ୍ରା ଦେଇଥାଏ 'ବିଶ୍ୱମୈତ୍ରୀ' ର ସନ୍ଦେଶ । ମାନବ ଜାତିର ଐତିହ୍ୟରେ ଶୀର୍ଷ ଆସନ ଅଳଙ୍କୃତ କରିଥିବା ଏହି ଯାତ୍ରା ସ୍ୱକୀୟ ପ୍ରସାରଣ ଶୀଳତାରେ ବିଶ୍ୱ ସଂସ୍କୃତିକୁ ସ୍ପନ୍ଦିତ କରି ପାରିଛି । ବିଶ୍ୱର କୋଣେ ଅନୁକୋଣେ ଘୋଷଯାତ୍ରା ଅନୁଷ୍ଠିତ ହୋଇ ବିଶ୍ୱାସ ଚେତନା ଅନୁଭୂତ । ଆମ ବିଶ୍ୱ ସମ୍ବିଧାନର ପ୍ରତିକାତ୍ମକ ବିଗ୍ରହ 'ଶ୍ରୀ ଜଗନ୍ନାଥଙ୍କର' ଘୋଷଯାତ୍ରା ବିଶ୍ୱର ପ୍ରସିଦ୍ଧ 'ଗଣମହୋତ୍ସବ' ସ୍ୱରୂପରେ ପ୍ରତିଭାତ ହେବାସହ ଏହି ବିଶ୍ୱ କଲ୍ୟାଣକାରୀ ମହୋତ୍ସବରେ 'ବସୁଧୈବ କୁଟୁମ୍ବକମ୍' ଚେତନା ସଂଚାରିତ କରିଥାଏ । ସାମ୍ୟ, ମୈତ୍ରୀ, ପ୍ରୀତି, ଶାନ୍ତି , ସଂହତି ଓ ସଂପ୍ରୀତି ଏହି ଗଣପର୍ବରେ ଅନୁରଣିତ ହୋଇଥାଏ । ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ବିଚାରରୁ ଊର୍ଦ୍ଧ୍ୱରେ ରହି ତଥା ମାନବ ସମାଜର ସାମଗ୍ରିକ ଭାବ ମାନସକୁ ସ୍ପର୍ଶ ଓ ସ୍ପନ୍ଦିତ କରି ଘୋଷଯାତ୍ରା ମୈତ୍ରୀମୁଖୀ ଆଭିମୁଖ୍ୟର ପରିପ୍ରଚାରରେ ବିଶ୍ୱବିଶ୍ରୁତ । ଯଦିଓ ପ୍ରାଗ୍-ବୈଦିକ ସମୟରୁ ଶ୍ରୀ ଜଗନ୍ନାଥ ଚେତନା ଓ ଉପାସନାର ଅୟାରମ୍ଭ ହୋଇଥଲେ ସୁଦ୍ଧା ପରବର୍ତ୍ତୀ କାଳରେ ଶ୍ରୀ ଜଗନ୍ନାଥ ବୈଦିକ ଦେବତା ଭାବରେ ସ୍ୱୀକୃତ । ଶାସ୍ତ୍ର, ପୁରାଣ ଓ ତନ୍ତ୍ର ତାଙ୍କୁ ବୈଦିକ ମାନ୍ୟତା ପ୍ରଦାନ କରିଛି । ଉଦାର ଓ ମହାନ ଅନ୍ତଃ ପ୍ରେରଣାରେ ଦୀପ୍ତିମନ୍ତ ଶ୍ରୀ ଜଗନ୍ନାଥ ସଂସ୍କୃତିର ବୌଦ୍ଧିକ ସୃଜନଶୀଳତା ଶ୍ରୀ ଜଗନ୍ନାଥଙ୍କୁ କୌଣସି ଗୋଷ୍ଠୀର ଦେବତା ପରିବର୍ତ୍ତେ ଗଣଦେବତା ଆସନରେ ଅଧିଷ୍ଠିତ କରାଇଛି । ଅନ୍ୟ ଭାବରେ କହିଲେ ଶ୍ରୀ ଜଗନ୍ନାଥ ହେଉଛନ୍ତି 'ଗଣଦେବତା' ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ହେଉଛି 'ଗଣ ସଂସ୍କୃତି' । ଆଦିବାସୀ, ଦ୍ରାବିଡ, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ, ଶାକ୍ତ, ଶୈବ, ବୈଷ୍ଣବ, ଯୋଗୀ ଓ ତାନ୍ତ୍ରିକ ଇତ୍ୟାଦି ସକଳ ମତବାଦୀଙ୍କର ସେ ଆରାଧ୍ୟ ହୋଇସୁଦ୍ଧା ସେ କୌଣସି ଗୋଷ୍ଠୀ ରେ ସୀମିତ ନୁହଁନ୍ତି । ସେଥିପାଇଁ ମହାନାଟକ କହେ "ଯଃ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନଃ,ବୌଦ୍ଧାଃ ବୁଦ୍ଧଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ ଅର୍ହନ୍ନିତ୍ୟଥ ଜୈନ ଶାସନରତାଃ କର୍ମେତି ମୀମାଂସକାଃ, ସୋୟଂବୋପ୍ରବିଧାତୁ ବାଂଛିତ ଫଳ ତ୍ରୈଲୋକ୍ୟନାଥୋ ହରିଃ" । ଶ୍ରୀ ଜଗନ୍ନାଥ ସଂସ୍କୃତି ଅନ୍ୟାନ୍ୟ ସଂସ୍କୃତି କୁ ପ୍ରଭାବିତ କରିଥିଲେ ମଧ୍ୟ କୌଣସି ସଂସ୍କୃତିକୁ ହତାଦର କରିନାହିଁ । ବିଶ୍ୱାବସୁ ଶବର, ବ୍ରାହ୍ମଣ ବିଦ୍ୟାପତି, ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ, ଦେବର୍ଷି ନାରଦ, ମହାରାଣୀ ଗୁଣ୍ଡିଚା, ବଜ୍ରଯାନୀ ଇନ୍ଦ୍ରଭୂତି, ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ବିଶିଷ୍ଟାଦ୍ୱୈତବାଦୀ ରାମାନୁଜାଚାର୍ଯ୍ୟ, ଦ୍ୱୈତବାଦୀ ମଧ୍ୱଚାର୍ଯ୍ୟ, ଦ୍ୱୈତାଦ୍ୱୈତବାଦୀ ନିମ୍ବାର୍କାଚାର୍ଯ୍ୟ, ଭକ୍ତିଧର୍ମାବଲମ୍ବୀ ଶ୍ରୀଚୈତନ୍ୟ, ଶୂନ୍ୟବାଦୀ ବଳରାମ ଦାସ, ଶିଖ୍ ଧର୍ମଗୁରୁ ନାନକ, ମହାତ୍ମା କବୀର ଦାସ, ପୌତ୍ତଳିକ ହରିଦାସ, ଗଣପତି ଉପାସକ ଗଣପତି ଭଟ୍ଟ, ରାମଭକ୍ତ ତୁଳସୀଦାସ ଏ ସମସ୍ତେ ନୀଳାଚଳଧାମରେ ପଦାର୍ପଣ କରି ନିଜ ନଜର ଦାର୍ଶନିକ ଚିନ୍ତା ଓ ଚେତନା ଶ୍ରୀ ଜଗନ୍ନାଥ ଙ୍କ ଠାରେ ଆରୋପିତ କରିଥିଲେହେଁ ଶ୍ରୀ ଜଗନ୍ନାଥ ସଂସ୍କୃତିର ପଟ୍ଟ ପରିବର୍ତ୍ତନ କରିପାରି ନାହାଁନ୍ତି ଅଧିକନ୍ତୁ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ସକଳ ଦାର୍ଶନିକ ଚିନ୍ତା ଓ ଚେତନାର ସମିଶ୍ରଣ ଘଟି ସମନ୍ୱୟର ମହାଭାବ ସୃଷ୍ଟି ହୋଇଛି ।ଅନେକ ରୂପାତ୍ମକ ତଥା କ୍ଷଣ କ୍ଷଣକେ ବିଲକ୍ଷଣ ରୂପଧାରଣ କରୁଥିବା ବିଶ୍ୱରେ ପୁରୁଷୋତ୍ତମ ଜଗନ୍ନାଥ ତତ୍ତ୍ୱ ଜ୍ଞାନର ବ୍ୟାପକ ଦୃଷ୍ଟିକୁ ଦର୍ଶନରେ ରୂପାନ୍ତର କରି ପିଣ୍ଡ ଓ ବ୍ରହ୍ମାଣ୍ଡର ପ୍ରଭେଦକୁ ପ୍ରଜ୍ଞାନରେ ପରିଣତ କରିଛନ୍ତି । ଏହାଦ୍ୱାରା ଶ୍ରୀ ଜଗନ୍ନାଥ ଧର୍ମ, ସଂସ୍କୃତି ଓ ଦର୍ଶନରେ ଜୀବ ଓ ନିର୍ଜୀବର ଅନ୍ତଃସ୍ଥଳରେ ବିଦ୍ୟମାନ ଥିବା ଏକରୂପତା ସହଜ ବୋଧଗମ୍ୟ ହୋଇପାରିଛି । ମହନୀୟତା ହେଉଛି, ଭାରତୀୟ ଦର୍ଶନରେ ଜୀବକୁ ବ୍ରହ୍ମ କୁହାଯାଇ ଥିଲେ ମଧ୍ୟ ଶ୍ରୀ ଜଗନ୍ନାଥ ଦର୍ଶନ ଓ ସଂସ୍କୃତିରେ ନିର୍ଜୀବ ବ୍ରହ୍ମରେ ପରିଣତ ହୋଇପାରିଛି । ନିର୍ଜୀବ ପଦବାଚ୍ୟ ତଣ୍ଡୁଳ ଶ୍ରୀ ଜଗନ୍ନାଥଙ୍କ ସେବା ନିମିତ୍ତ ସରଘରକୁ ଆସିଲେ ଅମୁଣିଆ, ବୈଷ୍ଣବାଗ୍ନିରେ ସିଦ୍ଧ ହେବା ପରେ ଅନ୍ନ, ଠାକୁରଙ୍କ ନିକଟକୁ ପ୍ରେରଣ ସମୟରେ ଛେକ, ପୋଖରିଆରେ ପହଂଚିଲେ ଭୋଗ, ଠାଆମୁରୁଜ ଉପରେ ସଂସ୍ଥାପିତ ହେଲେ ନୈବେଦ୍ୟ,ଉତ୍ସର୍ଗ ହେବାପରେ ପ୍ରସାଦ, ମା ବିମଳାଙ୍କ ପାଖରେ ସମର୍ପଣ ହେଲେ ମହାପ୍ରସାଦ, ଆନନ୍ଦ ବଜାରକୁ ଆସି ମୋକ୍ଷଦାତା ସ୍ୱରୁପରେ କୈବଲ୍ୟ, ଭକ୍ତ ସେବା ପୂର୍ବକ ପରମାନନ୍ଦ ଲାଭ କଲାବେଳେ ଅବଢା ଏବଂ ଶେଷରେ ଯାହା ଉଚ୍ଛିଷ୍ଟ ରହେ ତାହା ନିର୍ମାଲ୍ୟ ରୂପେ ପ୍ରତିଭାତ ହୋଇ ପରଂବ୍ରହ୍ମ ଜଗନ୍ନାଥଙ୍କ ସ୍ୱରୂପ ଧାରଣ କରିଥାଏ । ଏହାହିଁ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ନିର୍ଜୀବକୁ ବ୍ରହ୍ମରେ ପରିଣତ କରିବାର କଳା କୌଶଳ, ଯାହାକି ଯୁଗ ଯୁଗ ଧରି ଜନମାନସରେ ବ୍ରହ୍ମଚେତନା ସୃଷ୍ଟି କରିଆସିଛି । ଆମର ଏହି ଜଗନ୍ନାଥ ସଂସ୍କୃତି ବିଶ୍ୱର ସକଳ ସଂସ୍କୃତି ମଧ୍ୟରେ ଏକ ସମନ୍ୱୟ ପ୍ରତିଷ୍ଠା ଲାଭ କରିପାରିଛି । ଏହି ମହାନ ସଂସ୍କୃତି ସମସ୍ତ ଜାତି, ଧର୍ମ, ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପ୍ରଶ୍ରୟ ଦେଇଛି । ନିଜେ ବଂଚି ଅନ୍ୟକୁ ବଂଚାଇବା ଏହାର ମୌଳିକ ନୀତି । ଏହି ସଂସ୍କୃତିରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଭାତୃତ୍ୱର ବାଣୀ ଅତିସୁସ୍ପଷ୍ଟ । କୋଟି ଓଡିଆଙ୍କ ଆରାଧ୍ୟ ଜଗନ୍ନାଥ ତଥା ତାଙ୍କର ଚତୁର୍ଦ୍ଧା ମୂର୍ତ୍ତିଙ୍କର ଚାରିଗୋଟି ବର୍ଣ୍ଣ ସମଗ୍ର ମାନବ ଜାତିର ବିଭିନ୍ନ ରଙ୍ଗର ନିଦର୍ଶନ । ଏହାହିଁ ପ୍ରମାଣ କରିଥାଏ ଯେ ଜଗନ୍ନାଥ ସଂସ୍କୃତି ହେଉଛି ସାର୍ବଜନୀନ ସଂସ୍କୃତି । ଏକତା, ସମାନତା ଓ ବିଶ୍ୱଭାତୃତ୍ୱ ଏହାର ପରମ ଲକ୍ଷ୍ୟ । ନୃତ୍ୟ, ସଙ୍ଗୀତ, ସାହିତ୍ୟ, କଳା ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପ୍ରଭୃତି ହେଉଛି ସଂସ୍କୃତିର ଅନ୍ତରଙ୍ଗ ବିଭବ । ଶ୍ରୀ ଜଗନ୍ନାଥଙ୍କ ପାରମ୍ପରିକ ନୃତ୍ୟ ପ୍ରବାହରୁ ଓଡିଶୀ ନୃତ୍ୟ ଉଦ୍ଭବ, ଯାହାକି ସଂପ୍ରତି ପୃଥିବୀର ସର୍ବଜନାଦୃତ ନୃତ୍ୟକଳା । ଏହି ସଂସ୍କୃତିର ପ୍ରତ୍ୟେକଟି ସଂଗୀତ ଭାବସ୍ପର୍ଶୀ ଓ ଚେତନାଦ୍ୟୋକ । ଏହି ସଂସ୍କୃତିକୁ ଆଧାର କରି ଯେଉଁ ଅସଂଖ୍ୟ ସାହିତ୍ୟ ସୃଷ୍ଟି ହୋଇଛି ତହିଁର ପଟାନ୍ତର ନାହିଁ । ଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକଟି ଅନ୍ତରଙ୍ଗ ବିଭବ ଉଦାର ଓ ମହାନ ଅନ୍ତଃପ୍ରେରଣାରେ ଦୀପ୍ତିମନ୍ତ । ଯୁଗ ଯୁଗ ଧରି ଏହି ଅନ୍ତରଂଗ ବିଭବ ସମୂହ ବିଶ୍ୱ ଜନମାନସକୁ ଆକର୍ଷିତ କରି ଜଗନ୍ନାଥ ସଂସ୍କୃତି ସହିତ ଜନଜୀବନକୁ ଅଙ୍ଗାଙ୍ଗୀ ଭାବରେ ଜଡିତ କରିପାରିଛି । ସୂଚନାଯୋଗ୍ୟ ଯେ, ସୁଦୀର୍ଘ ପରମ୍ପରା ଏହାକୁ ଉଜ୍ଜୀବିତ ରଖିବା ସହିତ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇ ନୈତିକତା, ମର୍ଯ୍ୟାଦାବୋଧ ଓ ସୃଜନଶୀଳତାକୁ ଭବ୍ୟରୂପ ପ୍ରଦାନ କରିପାରିଛି । ଜଗନ୍ନାଥ ସଂସ୍କୃତିର ସାଂସ୍କୃତିକ ସ୍ରୋତରେ ଅବଗାହନ କରୁଥିବା ପ୍ରତ୍ୟେକଟି ବ୍ୟକ୍ତି, ଜାତି, ଗୋଷ୍ଠୀ ଓ ସମାଜର ଜନଜୀବନ ସୁଶୃଙ୍ଖଳିତ , ସୁସଂହତ, ସମୃଦ୍ଧ ଓ ସମ୍ଭାବ୍ୟ । ସମଷ୍ଟିଙ୍କୁ ଧର୍ମକ୍ଷେତ୍ରରେ ସମାନ ଅଧିକ ମହାଭିପ୍ରାୟରେ ଶ୍ରୀ ଜଗନ୍ନାଥ ବାହୁ ପ୍ରସାରି ସମସ୍ତଙ୍କୁ ଆପଣାର କରି ନେଇଛନ୍ତି । ଜଗନ୍ନାଥ ସେବାଧିକାର ଦେବା ନିମିତ୍ତ ଛତିଶା ନିଯୋଗ ଭିଆଇଛନ୍ତି ତାହା ନୁହେଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନରେ ତଥା ଜନ୍ମଠାରୁ ଉପନୟନ, ବିବାହ, ମାଙ୍ଗଳିକ କାର୍ଯ୍ୟ, ଗୃହପ୍ରତିଷ୍ଠା ଓ ପରିଶେଷରେ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ସଭିଏ ଶ୍ରୀ ଜଗନ୍ନାଥ ଙ୍କୁ ଆଶ୍ରୟ କରି ଆସୁଛନ୍ତି । ତାଙ୍କର ସକଳ ପ୍ରକାର ଯାନିଯାତ୍ରା ସଭିଙ୍କ ଭିତରେ ସଂପ୍ରୀତୀ, ମାନବିକତା, ଗୋଷ୍ଠିଗତ ଐକ୍ୟ ଓ ଅଧ୍ୟାତ୍ମିକ ଚେତନାକୁ ସୁଦୃଢ କରିପାରିଛି । ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱର ସର୍ବପ୍ରାଚୀନ ସଂସ୍କୃତି ହେଲେ ହେଁ ସ୍ୱକୀୟ ସୃଜନଶୀଳତା ଓ ନମନୀୟତା ଯୋଗୁ ଏହା ନିତ୍ୟନୂତନ । ପ୍ରଗତିଶୀଳ ଚିନ୍ତାଧାରା ଓ ସଂସ୍କାରବୋଧ ଏହାକୁ ମହାନ କରିଛି । ଗୌରବୋଜ୍ଜ୍ୱଳ ରାଷ୍ଟ୍ର ଓ କଲ୍ୟାଣମୟ ବିଶ୍ୱ ଗଠନ ହିଁ ଏହାର ଆଭିମୁଖ୍ୟ ।

ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

# ଦେଶରେ ଗଡୁଛି ୫କୋଟି ମାମଲା !



ସୌର ଚନ୍ଦ୍ର ମହାପାତ୍ର

ରାଜ୍ୟ ତଥା ସାରା ଦେଶର ଅଦାଲତରେ ମାମଲା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ସାରା ଦେଶର ବିଭିନ୍ନ ଅଦାଲତରେ ପ୍ରାୟ ୫କୋଟି ମାମଲା ବିଚାରାଧୀନ ରହିଛି । ସେହିପରି ଆମ ରାଜ୍ୟ ଓଡ଼ିଶାରେ ପ୍ରାୟ ୧୫ ଲକ୍ଷ ମାମଲା ପଡ଼ି ରହିଛି । ମାମଲା ସଂଖ୍ୟା ବୃଦ୍ଧି ସହ ରାଜ୍ୟ ହାଇକୋର୍ଟ ଗୁଡ଼ିକରେ ବହୁ ପଦ ଖାଲି ମଧ୍ୟ ରହିଛି । ଯାହାଫଳରେ ଦାୟର ହେବା ମାମଲା ତୁଳନାରେ ଫଇସଲା ମାମଲାର ସଂଖ୍ୟା ନଗଣ୍ୟ ରହିଛି । ୨୦୧୯ ମସିହାରେ ସାରା ଦେଶରେ ୩.୩କୋଟି ମାମଲା ବିଚାରାଧୀନ ରହିଥିଲା । ଗତବର୍ଷ ଅକ୍ଟୋବରରେ ଏହା ୪.୫ କୋଟିରେ ପହଞ୍ଚିଥିଲା । ସେହିପରି ଏହାର ଦୁଇମାସ ଅର୍ଥାତ ଗତ ଡିସେମ୍ବର ମାସରେ ୪.୬ କୋଟିରେ ପହଞ୍ଚିଥିଲା । ସାମ୍ପ୍ରତିକ ସ୍ଥିତିରେ ମାମଲା ୫କୋଟି ଛୁଇଁ ସାରିଥିବା ଖୋଦ କେନ୍ଦ୍ର ଆଇନ ମନ୍ତ୍ରୀ କିଣ ରିଜିଜୁ କହିଛନ୍ତି । ୟୁକେ ଭଳି ରାଷ୍ଟ୍ରରେ ଉଚ୍ଚ ଅଦାଲତ ଗୁଡ଼ିକ ମାତ୍ର ୪ରୁ ୫ଟି ମାମଲାର ଦୈନିକ ଶୁଣାଣି କରୁଛନ୍ତି । ମାତ୍ର ଭାରତରେ ଏହା ୪୦ରୁ ୫୦ ହୋଇଯାଉଛି । କାର୍ଯ୍ୟରତ ବିଚାରପତିଙ୍କ ଉପରେ ଏହା ଏକ ଅତିରିକ୍ତ ଚାପ ବୋଲି ମଧ୍ୟ କେନ୍ଦ୍ର ମନ୍ତ୍ରୀ ରିଜିଜୁ ସ୍ୱୀକାର କରିଛନ୍ତି । ଯଦି ଆମ ରାଜ୍ୟ କଥା ବିଚାର କରାଯାଏ, ତେବେ ରାଜ୍ୟରେ ମୋଟ ୧୬ ଲକ୍ଷ ମାମଲା ରହିଛି । ତନ୍ମଧ୍ୟରୁ ପାଖାପାଖି ୧୩ଲକ୍ଷ ଫୌଜଦାରୀ ମାମଲା ରହିଛି । ଏବେ ସୁଦ୍ଧା ବିଭିନ୍ନ ଅଦାଲତ ଗୁଡ଼ିକରେ ଦଶନ୍ଧି ଦଶନ୍ଧି ମାମଲା ବିଚାରାଧୀନ ରହିଛି । ଓଡ଼ିଶା ହାଇକୋର୍ଟରେ ପ୍ରାୟ ଏକ ତୃତୀୟାଂଶ ବିଚାରପତି ପଦବୀ ଖାଲି ରହିଛି । ଓଡ଼ିଶା ହାଇକୋର୍ଟରେ ୨୭ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବାବେଳେ ପରେ ଆଉ ୬ଟି ନୂଆ ପଦବୀ ସୃଷ୍ଟି କରାଯାଇ ଏହି ସଂଖ୍ୟା ୩୩କୁ ବୃଦ୍ଧି କରାଯାଇଥିଲା । ଅପରପକ୍ଷରେ ବର୍ତ୍ତମାନ ହାଇକୋର୍ଟରେ ୨୨ଜଣ ବିଚାରପତି କାର୍ଯ୍ୟରତ ଥିବା ଆଇନ ବିଭାଗ ପକ୍ଷରୁ କୁହାଯାଇଛି । ୧୬ଲକ୍ଷ ମାମଲା ମଧ୍ୟରୁ ହାଇକୋର୍ଟରେ ପ୍ରାୟ ୧ ଲକ୍ଷ ୯୦ ହଜାରରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି । ଜିଲ୍ଲା ଏବଂ ଅନ୍ୟ କୋର୍ଟଗୁଡ଼ିକରେ ପ୍ରାୟ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ମାମଲା ପଡ଼ି ରହିଛି ।

ସେହିପରି ପୂର୍ବରୁ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ)ରେ ପ୍ରାୟ ୭୦,୦୦୦ ମାମଲା ବିଚାରାଧୀନ ରହିଥିଲା । ବର୍ତ୍ତମାନ ସ୍ୟାଟ ଉଚ୍ଛେଦ ହୋଇ ଯାଇଥିବାରୁ ମାମଲାଗୁଡ଼ିକର ଚାପ ହାଇକୋର୍ଟଙ୍କ ଉପରକୁ ଆସୁଛି । ସ୍ୟାଟରେ ୬ଜଣ ବିଚାରପତିଙ୍କ ଦ୍ୱାରା ଭୁବନେଶ୍ୱର, କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଚାକିରି, ପେନସେନ ଆଦି ମାମଲାଗୁଡ଼ିକର ଶୁଣାଣି ହେଉଥିଲା । ବର୍ତ୍ତମାନ ହାଇକୋର୍ଟରେ ଏକାଧିକ ବେଞ୍ଚରେ ଏହି କିସମର ମାମଲା ସବୁ ତାଲିକାଭୁକ୍ତ ହେଉଥିଲେ ମଧ୍ୟ ସମ୍ପୃକ୍ତ ବିଚାରପତି ମାନଙ୍କୁ ଆଉ ଅନେକ କିସମର ମାମଲା ଶୁଣାଣି କରିବାକୁ ପଡୁଛି । ହାଇକୋର୍ଟରେ ପ୍ରାୟ ୫୦ ହଜାର ଫୌଜଦାରୀ ମାମଲା ବିଚାରାଧୀନ ଅବସ୍ଥାରେ ରହିଛି । ହାଇକୋର୍ଟରେ ବିଚାରାଧୀନ ଥିବା ମାମଲାଗୁଡ଼ିକ ମଧ୍ୟରୁ ୪୪,୦୦୦ରୁ ଅଧିକ ୫ରୁ ୧୦ବର୍ଷ ଧରି ରହିଥିବାବେଳେ ୨୭ ହଜାରରୁ ଅଧିକ ମାମଲା ୧୦ରୁ ୨୦ ବର୍ଷ ଧରି ଗଡ଼ି ଚାଲିଛି । ସେହିରି ୫ ହଜାର ମାମଲା ୨୦ରୁ ୩୦ ବର୍ଷ ଧରି ବିଚାର ପ୍ରତୀକ୍ଷାରେ ରହିଛି । ୯୪୦ଟି ମାମଲା ୩୦ ବର୍ଷରୁ ଅଧିକ ସମୟ ଧରି ଗଡୁଥିବା ଜାତୀୟ ଜୁଡ଼ିସିଆଲ ଡାଟାଗ୍ରୀଡ଼ ପକ୍ଷରୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ ବାର ଓ ବେଞ୍ଚ ୱେବସାଇଟରେ ମିଳିଥିବା ସୂଚନା ଅନୁସାରେ ଗତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟରେ ୩,୦୩,୩୬୮ଟି ଦେୱାନୀ ମାମଲା ରହିଥିଲା । ସେହିପରି ସାରା ରାଜ୍ୟରେ ୧୨,୧୨,୩୬୬ ଫୌଜଦାରୀ ମାମଲା ଏବଂ ନିମ୍ନ ଅଦାଲତଗୁଡ଼ିକରେ ୧୫,୧୫,୭୩୪ଟି ମାମଲା ବିଚାରାଧୀନ ରହିଥିଲା । ସମାନ ସମୟରେ ଓଡ଼ିଶା ହାଇକୋର୍ଟରେ ୧,୩୯,୮୨୯ ଦେୱାନି ମାମଲା, ୫୧,୭୫୨ ଫୌଜଦାରୀ ମାମଲା ବିଚାରାଧୀନ ରହିଥିଲା । ଭାରତର ନ୍ୟାୟ ବ୍ୟବସ୍ଥାରେ ଅନେକ ମାମଲା ବର୍ଷ ବର୍ଷ ଧରି ବିଚାର ପାଇଁ ପଡ଼ି ରହୁଛି ଯାହାଫଳରେ ଆବେଦନକାରୀ ନ୍ୟାୟ ପାଇବାରୁ ବର୍ଷ ବର୍ଷ ଅପେକ୍ଷା କରିବା ସହ ସେମାନଙ୍କ ଭିତରୁ ଅନେକଙ୍କ ମୃତ୍ୟୁ ହୋଇଯାଉଛି । ଏ କ୍ଷେତ୍ରରେ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ବ୍ୟାପକ ଓ ବର୍ଷ ବର୍ଷ ଧରି ପଡ଼ି ରହିଥିବା ମାମଲା ପାଇଁ ଖାଲି ପଡ଼ିଥିବା ବିଚାରପତି ପଦ ପୂରଣ କରିବା ସହ ନୂଆ ଫାଷ୍ଟ ଟ୍ରାକ କୋର୍ଟ ଓ ଆନୁସଙ୍ଗିକ କୋର୍ଟ ଗଠନ କରନ୍ତୁ । ସେହିପରି ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟର ଖାଲି ପଡ଼ିଥିବା ବିଚାରପତି ପଦବୀକୁ ପୂରଣ କରାଯାଉ । ଏ କ୍ଷେତ୍ରରେ ସମସ୍ତଙ୍କର ସହଯୋଗଭିତ୍ତିକ ଦାୟିତ୍ୱ ରହିଲେ ମାମଲା ସଂଖ୍ୟା ହ୍ରାସ ପାଇବ ନିଶ୍ଚୟ ।

*ବରିଷ୍ଠ ଆଇନଜୀବୀ,*
*ଓଡ଼ିଶା ହାଇକୋର୍ଟ, କଟକ*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,*
*ସେକ୍ଟର-୬, କଟକ*

# ଏବେ ମଧ୍ୟ ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ



ଡ .ସମନ୍ୱୟ ନନ୍ଦ

ବୋଧ ହୁଏ ବ୍ରିଟିଶ ମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ । ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି । ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି – ଇଣ୍ଡିଆ ଦି ମୋଦୀ କ୍ୱେଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାଟରେ ହୋଇଥିବା ଦଙ୍ଗା ପାଇଁ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ କୌଣସି ତଥ୍ୟ – ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ ନିର୍ଦ୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି । ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା । ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ । ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ । ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପରକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି । ଏହି ଡକ୍ୟୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ –ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଖୁସିର ସୀମା ନାହିଁ । ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି । ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ । ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ । ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି । ସେ ଲେଖିଛନ୍ତି – "ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି । ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି। ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ ।" ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି । ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମେଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ । ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ । ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

# ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅଣସର



ବିପିନ ବିହାରୀ ରାଉତ

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ସ୍ନାନ ଯାତ୍ରା ପରେ ରତ୍ନସିଂହାସନରୁ ପୂଜିତ ଦାରୁବିଗ୍ରହ ଅଣସର ସେବାରେ ରହିଥାନ୍ତି । ସ୍ନାନ ପାଇଁ ୧୦୮ ଗରାରେ ସ୍ନାନ ବେଦୀରେ ସୁନାକୂଅର ଜଳରେ ସ୍ନାନ ରୀତି ପରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତଜନଙ୍କୁ ଦର୍ଶନ ଦେଇଥାନ୍ତି । ତେବେ ଗୋଟିଏ ପକ୍ଷ ପାଇଁ ମହାପ୍ରଭୁ ଏହି ସ୍ନାନ ପରେ ଜରାକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇଥାନ୍ତି । ସ୍ନାନପୂର୍ଣ୍ଣିମାର ଶୀତଳ ଜଳ ମହାପ୍ରଭୁ, ବଳଭଦ୍ର ଓ ସୁଭଦ୍ରାଙ୍କ ସ୍ୱାସ୍ଥ୍ୟହାନୀର କାରଣ ହୋଇଥାଏ । ଗର୍ଭଗୃହକୁ ଲାଗି ବେହରଣ ଦ୍ୱାର ସାମ୍ନାରେ ରହିଥିବା ଅଣସର ଘରେ ମହାପ୍ରଭୁ କାହାରିଙ୍କୁ ଦର୍ଶନ ଦେଇନଥାନ୍ତି । ଷାଠିଏ ପଉଟି ମହାପ୍ରସାଦ ସେବନ ନକରି ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀରେ ପଥ୍ୟ ଓ ପାଚନ ଗ୍ରହଣ କରିଥାନ୍ତି । ଦଇତାପତି ସେବକମାନେ ଏହି ଅଣସର ରହଣିରେ ତାଙ୍କ ସେବା ଶୁଶ୍ରୁଷା କରିଥାନ୍ତି । ଅଷାଢ଼ କୃଷ୍ଣ ପ୍ରଥମୀରୁ ପନ୍ଦର ଦିନ ପାଇଁ ଆରମ୍ଭ ହୋଇଥାଏ ଅନବସର ନୀତି । ରାଘବ ଦାସ ମଠ ଯୋଗାଇଥିବା କାଠର ପ୍ରଭା ଓ କନକମୁଣ୍ଡି ଅଣସର ଘରର ଏହି ବିଜେସ୍ଥଳୀକୁ ଶୋଭନୀୟ କରିଥାଏ । କୋଠ ସୁଆଁସିଆ ମାନେ ଘର ଚାରିପଟେ ବାଉଁଶ ତାଟି ବେଢ଼ି ଦେଇଥାନ୍ତି । ଗର୍ଭଗୃହ ସଂଲଗ୍ନ ଦକ୍ଷିଣଘରୁ ସେବାୟତମାନେ ସାତକୋଟି ଚଳନ୍ତି ପ୍ରତୀମା ଆଣି ଅଣସର ଘର ବାହାର ପଟେ ଖଟ ଉପରେ ଉପବେଶନ କରିଥାନ୍ତି । ମହାପ୍ରଭୁ ବଳଭଦ୍ରଙ୍କ ଆସ୍ଥାନ ପାଖରେ ରାମ, ନୃସିଂହ ଓ ଦୋଳଗୋବିନ୍ଦଙ୍କ ବିଗ୍ରହ ରହିଥିବାବେଳେ ମା'ସୁଭଦ୍ରାଙ୍କ ସମୀପରେ ରହିଥାଏ ଲକ୍ଷ୍ମୀ ସରସ୍ୱତୀଙ୍କ ଦୁଇଟି ପିତୁଳା ଓ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ରହେ ମଦନମୋହନ ଓ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତି । ଓଡ଼ିଶାର ପଟ୍ଟଚିତ୍ର ପରମ୍ପରାର ଅନନ୍ୟ ନିଦର୍ଶନ ଏହିଥିରେ ଚିତ୍ରିତ ହୋଇଥାଏ । ଚିତ୍ରରେ ସମସ୍ତ ଦିଅଁ ଚର୍ତୁହସ୍ତ ଓ ଦୁଇପଦ ବିଶିଷ୍ଟ ହୋଇ ରୂପାନ୍ତରିତ ହୁଅନ୍ତି ସେମାନେ ପଦ୍ମାସନରେ ବସିଥାନ୍ତି ଯାହା ହେଉଛି ସାଧନା, ନିଷ୍ଠା ଓ ପବିତ୍ରତାର ପ୍ରତୀକ । ଦେବୀ ସୁଭଦ୍ରାଙ୍କର ହାର ଠାରୁ ଚୁଡ଼ି, ନୋଥ ଆଦିରେ ଓଡ଼ିଶାର ପାରମ୍ପରିକ ଗହଣା ଆକୃତିର ଶୋଭା ରହିଥାଏ । ଜଗନ୍ନାଥଙ୍କ କଳେବର ଘନ କଳାରଙ୍ଗର ଚିତ୍ରିତ ହୋଇଥାଏ । ସେ ଚାରିହାତରେ ଧରିଥାନ୍ତି ଶଙ୍ଖ, ଚକ୍ର, ଗଦା, ପଦ୍ମ । ବଳଭଦ୍ରଙ୍କ କଳେବର ଶ୍ୱେତବର୍ଣ୍ଣରେ ଚିତ୍ରିତ ହୋଇଥାଏ । ସେ ତାଙ୍କ ଚାରିହାତରେ ଶଙ୍ଖ, ଚକ୍ର, ଗଦା ଓ ହଳ ଧରିଥାନ୍ତି । ହରିଦ୍ରବର୍ଣ୍ଣା ସୁଭଦ୍ରା ଦୁଇ ଉର୍ଦ୍ଧ୍ୱହାତରେ ପାଶ ଓ ଅଙ୍କୁଶ ଧରିଥାନ୍ତି ଓ ନିମ୍ନ ହସ୍ତ ଦୁଇଟି ଥାଏ ବରଦାମୁଦ୍ରାରେ । ପ୍ରାଚୀନ ଲୋକକଥାର କାହାଣୀ ଅନୁଯାୟୀ ଶବର ବିଶ୍ୱାବସୁଙ୍କ ବଂଶଧରମାନେ ଏବେ ମଧ୍ୟ ପୁରୀ ମନ୍ଦିରର ସେବାୟତ ଓ ସେମାନେ ଆଦିବାସୀ ଶୈଳୀରେ ପୁରୀର ଦେବତା ମାନଙ୍କୁ ପୂଜା କରୁଥିବାରୁ ମହାପ୍ରଭୁଙ୍କ ଅଣସରୀୟ ନୀତିକୁ କେତେକ ଶାବରୀ ନୀତି ବୋଲି କହିଥାନ୍ତି । ସ୍ନାନପୂର୍ଣ୍ଣିମାର ସ୍ନାନ ଦେବତା ମାନଙ୍କ କେବଳ କାଳ୍ପନିକ ସ୍ୱାସ୍ଥ୍ୟହାନୀ ବା ଜ୍ୱର ବୋଲି କୁହାଯାଉଥିଲେ ବି ପ୍ରକୃତରେ ପାଣିରେ ଧୋଇ ହୋଇଯାଇଥିବା ରଙ୍ଗ ଓ ପ୍ରଲେପକୁ ପୁର୍ନବିନ୍ୟାସ ପାଇଁ ଦଇତାମାନେ ମହାପ୍ରଭୁଙ୍କ ପୂର୍ବ ରୂପକୁ ଫେରାଇବା ପାଇଁ ବାସ୍ତବରେ ସ୍ୱତନ୍ତ୍ର ସେବାରେ ନିୟୋଜିତ ଥାନ୍ତି । ଦତ୍ତମହାପାତ୍ର ନାମକ ସେବାୟତ ଦିଅଁ ମାନଙ୍କ ବିଗ୍ରହକୁ ରଙ୍ଗ ଦେଇଥାନ୍ତି ଆଷାଢ଼ କୃଷ୍ଣ ଚତୁର୍ଥୀ ଦିନ । ତେବେ ସମସ୍ତ ଚିତ୍ରାୟିତ ଭିତରେ ଚକ୍ଷୁ ଡ଼ୋଳାଟି ବାକି ରହିଥାଏ । ଆଷାଢ଼ ଶୁକ୍ଳ ପ୍ରଥମୀରେ ବିଗ୍ରହ ମାନଙ୍କ ନେତ୍ର ଚିତ୍ରା ଯାଉଥିବାରୁ ସେହିଦିନଟିକୁ ନେତ୍ର ଉତ୍ସବ କୁହାଯାଏ । ଭକ୍ତମାନେ ତାପରେ ଦିଅଁ ଦର୍ଶନ କରୁଥିବାରୁ ଏହାକୁ ନବଯୌବନ ଦର୍ଶନ ଭାବେ ସମସ୍ତେ ଜାଣିଥାନ୍ତି । ଏହିପରି ସେବା ରୀତିନୀତି ଭିତରେ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥାଏ ।

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩




# କୋଣାର୍କରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ



କୋଣାର୍କ,(ପି.ଏନ): କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ପରିସରରେ ଆଜି ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଶ୍ରାଦ୍ଧ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜାତୀୟ ସମର ଶିକ୍ଷ୍ୟସର୍ଥୀ ବାହିନୀ ର ଅଧିକାରୀ ଦିଲ୍ଲୀପ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଅକ୍ଷନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ରାମକୃଷ୍ଣ ମହାନ୍ତି, ଶିକ୍ଷକ ଦିଲ୍ଲୀପ କୁମାର ସାହୁ, କୋଣାର୍କ ସାହିତ୍ୟ ସଂସଦ ର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି ପ୍ରମୁଖ ଉଦବୋଧନ ଦେଇ ଛାତ୍ରଛାତ୍ରୀ ମାନେ ଗୋପବନ୍ଧୁ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ। ପରେ ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

## ବୁଢ଼ୀମା ଟୋଟାରେ ରଜ କୁଆଁରୀ ଝିଅଙ୍କ ମଉଜ

ପୁରୀ, (ପି.ଏନ): ବନସ୍ତେ ଡ଼ାକିଲା ଗଜ, ବରଷକେ ଥରେ ଆସିଛି ରଜ। ଏହି ଗୀତରେ ଗୀତରେ ରଜ ପାଳିତ ହୋଇଛି। କୁଆଁରୀ ଝିଅମାନଙ୍କ ମଜା କହିଲେ ନସରେ। ଚଳିତବର୍ଷ ରଜ ଧୁମ୍‌ଧାମ୍‌ରେ ପାଳନ ହୋଇଛି। କଳା ସଂସ୍କୃତିର କ୍ଷେତ୍ର ଶ୍ରୀକ୍ଷେତ୍ର। ଓଡ଼ିଶାର କଳା, ସଂସ୍କୃତି ଓ ସାଂସ୍କୃତିକ ପରମ୍ପରା ବଜାୟ ରଖିବା ପୁରୀର ଭୂମିକା ଅତୁଳନୀୟ। ଓଡ଼ିଆଙ୍କ ପର୍ବ ରଜ। ମାର୍କଣ୍ଡେଶ୍ୱର ସାହି ବୁଢ଼ୀମା ଟୋଟା ପରିସରରେ ପାଣ୍ଡ ଜଗା ପକ୍ଷରୁ ୪ ଦିନ ବ୍ୟାପୀ ରଜ ମହୋତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ନୂଆ ପୋଷାକ, ପାଦରେ ଅଳତା, ହାତରେ ମେହେନ୍ଦି ଲଗାଇ କୁଆଁରୀ ରଜର ମଜା ନେଇଛନ୍ତି। ଝିଅ ଓ ମହିଳାମାନଙ୍କ ମନୋରଞ୍ଜନ ପାଇଁ ୩୦ଟି ଦୋଳି ଲଗାଯାଇଥିଲା।

## ତାଳଚେର ବିଧାୟକଙ୍କ ପିତୃ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର, (ପି.ଏନ): ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ପିତୃ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ତାଳଚେର ବିଧାୟକଙ୍କ ପିତା ଭାରତୀୟ ସେନା ବାହିନୀର ପୂର୍ବତନ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି । ଶ୍ରୀ ପ୍ରଧାନ ତାଳଚେର ବିଧାୟକଙ୍କ ସହ ଟେଲିଫୋନରେ କଥା ହୋଇ ମଧ୍ୟ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।


## ରଥ ନିର୍ମାଣରେ ରୂପକାର ସେବକ

ପୁରୀ,(ପି.ଏନ): ରଥକାଠରେ ଜୀବନ୍ତ ଭାବେ ମୂର୍ତ୍ତି ଖୋଦେଇ କରୁଛନ୍ତି ରୂପକାର ସେବକ। ନୃସିଂହ ଚତୁର୍ଦ୍ଦଶୀ ଦିନ କୋଣ ଗୁଜ ଅନୁକୂଳ ଶୁଭାରମ୍ଭ ହୋଇଥାଏ। ସେହିଦିନ ଠାରୁ ରୂପକାର ସେବକମାନେ କୋଣ ଗୁଜରେ ନର ବିରାଳ, ସିଂହ ବିରାଳ, ହସ୍ତୀ ବିରାଳ ଖୋଦେଇ କରୁଛନ୍ତି। ରୂପକାର ସେବକଙ୍କୁ ମଧ୍ୟ ସ୍ଥାପତ୍ୟ ମହାରଣା କୁହନ୍ତି। ରୂପକାର ସେବକମାନେ ଅକ୍ଷୟ ତୃତୀୟାରେ ଶାଢ଼ି ବନ୍ଧାଇଥାନ୍ତି। ତିନି ରଥର କୋଣ ଗୁଜ, ପଙ୍କ ଗୁଜ, ଖମ୍ବି, ନାଟ ଗୋଡ଼, ତାରି ପରିଚ୍ଛା, ସିଂହାସନ, ପ୍ରଭା ଓ ମୁହାଁଟରେ ଖୋଦେଇ କରନ୍ତି।

# ୨୧ ଜୁନ ପାଳିତ ହେବ ଆନ୍ତଃରାଷ୍ଟ୍ରୀୟ ଯୋଗ ଦିବସ

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ସାଂସଦ ପ୍ରତାପ ଚ଼ନ୍ଦ୍ର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ୯ମ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାରମ୍ପରିକ ଢଙ୍ଗରେ ପାଳିତ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମକୁ 'ସାଂସଦ ଯୋଗ' ବୋଲି ନାମିତ କରାଯାଇଛି। ବାଲେଶ୍ୱର ପରମିଟ ପଡ଼ିଆରେ ୫୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସମାବେଶରେ ଏହି ଯୋଗ ଶିବିରରେ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱନୀ ବୈଷ୍ଣବ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିବେ। ୨୧ ତାରିଖ ପ୍ରାତଃ ୫ଟାରୁ ପଞ୍ଜିକରଣ ଆରମ୍ଭ ହେବ ବୋଲି ସାଂସଦ ସୂଚ଼ନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କଲେଜ, ଧାର୍ମିକ ଅନୁଷ୍ଠାନ, ସାମାଜିକ ସଂଗଠନ, ଯୋଗ ପ୍ରତିଷ୍ଠାନମାନେ ସକ୍ରୀୟ ଅଂଶଗ୍ରହଣ କରିବେ। ପ୍ରାତଃ ୫ଟା ସୁଦ୍ଧା ପରମିଟ ପଡ଼ିଆରେ ପହଞ୍ଚିବା ପାଇଁ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ସହିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାସଳଖ ଯୋଗାଯୋଗ ସ୍ଥାପନ କରାଯିବ ବୋଲି ସାଂସଦ ସୂଚ଼ନା ଦେଇଛନ୍ତି :- ଶ୍ରୀନିବାସ ପ୍ରଧାନ, ଜିଲ୍ଲା ଗଣମାଧ୍ୟମ ସଂଯୋଜକ

# ପୂର୍ବତନ ସାଂସଦ ଅନାଦି ଚରଣ ଦାସଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଶୋକ



ଭୁବନେଶ୍ୱର,(ପି.ଏନ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନାଦି ଚରଣ ଦାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି , ଯାଜପୁରର ପୂର୍ବତନ ସାଂସଦ ତଥା ବିଶିଷ୍ଟ ରାଜନେତା ଅନାଦି ଚରଣ ଦାସଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଜନପ୍ରତିନିଧି ଭାବେ ତାଙ୍କ କଲ୍ୟାଣକାରୀ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

# ବୟାଳିଶମୌଜା ବିକାଶ ପରିଷଦର ୨୨ତମ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ ପାଳିତ



ଫୁଲନଖରା,(ପି.ଏନ): ବୟାଳିଶମୌଜାରେ ଅଗ୍ରଣୀ ସାମାଜିକ ସଂଗଠନ ବିକାଶ ପରିଷଦର ଦ୍ୱାବିଂଶତମ ମେଧା ପ୍ରତିଭା ସମ୍ମାନ ଉତ୍ସବ-୨୦୨୩ ବ୍ରହ୍ମପୁର ଗ୍ରାମପଂଚାୟତସ୍ଥ କନକଦୁର୍ଗା ସ୍ମୃତିମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିକାଶ ପରିଷଦର ଉପସଭାପତି ଗୌତମ ଚରଣ ପରିଡାଙ୍କ ସଭାପତିତ୍ୱରେ ପରିଷଦର ଉପଦେଷ୍ଟା ପ୍ରାଧ୍ୟାପକ ଗଣେଶ୍ୱର ଦାଶ ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ଡଃ ସେକ୍ କଲିମୁଲ୍ଲା ଧନ୍ୟବାଦ ପ୍ରଦାନ କରିଥିଲେ । ପରିଷଦର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପତି ପରିଷଦର ଆଭିମୁଖ୍ୟ ଓ କାର୍ଯ୍ୟାବଳୀକୁ ତାଙ୍କ ସମ୍ପାଦକୀୟ ବିବରଣୀରେ ପଠନ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥିଭାବରେ କଟକ ଜିଲ୍ଲାପାଳ ଡଃ ଭବାନୀ ଶଙ୍କର ଚଇନୀ,ମୁଖ୍ୟ ବକ୍ତା ଭାବେ ପ୍ରଫେସର ନେତାଜୀ ଅଭିନନ୍ଦନ, ସମ୍ମାନନୀୟ ଅତିଥି ଭାବେ ସିନେକଳାକାର ମନୋଜ କୁମାର ପଣ୍ଡା, ପ୍ରବଚକ ଶିବ ପ୍ରସାଦ ଦାସ ,ବିଶିଷ୍ଟ ସମାଜସେବୀ ରୁପେଶ କୁମାର ଜୋଷୀ ପ୍ରମୁଖ ଯୋଗଦାନ କରି ଛାତ୍ର, ଛାତ୍ରୀମାନଙ୍କୁ ବହୁ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ପ୍ରତିଭା ସମ୍ମାନରେ ଆଦଶ ଶିକ୍ଷକ ସମ୍ମାନରେ ଜୋତ୍ସ୍ନାରାଣୀ ଦାଶ, କଳା ସଂସ୍କୃତିରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଫଳ ଚାଷୀ ସମ୍ମାନରେ ବିଚିତ୍ରାନନ୍ଦ ଜେନା, ଉତମ କ୍ରୀଡାବିତ୍ ସମ୍ମାନରେ ଗଗନ ଚନ୍ଦ୍ର ପଲାଇ, ଆଦର୍ଶ ନାରୀ ପ୍ରତିଭାରେ ଡାକ୍ତର ଜାମଲାରା ,ସାମାଜିକ କର୍ମୀ ବରିଷ୍ଠ ଶ୍ରମିକନେତା ବିରେନ୍ଦ୍ର ପ୍ରସାଦ ଦାସ,ଛାତ୍ରଗୌରବ ସମ୍ମାନରେ ଶ୍ରୀମାନ ବାସୁଦେବ ଭୋଇଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ବିକାଶ ପରିଷଦର ଶ୍ରେଷ୍ଠ ସଭ୍ୟ-୨୦୨୩ ଭାବେ ହେମନ୍ତ କୁମାର ପାତ୍ରଙ୍କୁ ସମ୍ମାନୀତ କରାଯାଇଛି । ଏହି ଅବସରରେ ଉପଦେଷ୍ଟା ପ୍ରମୋଦ କୁମାର ମହାପାତ୍ରଙ୍କ ସମ୍ପାଦନାରେ ବିକାଶ ପରିଷଦର ମୁଖପତ୍ର 'ପଲ୍ଲିଶ୍ରୀ' ପୁସ୍ତକ ଉନ୍ମୋଚନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା । ଏହି ଉତ୍ସବରେ ୪୨ମୌଜା ଅଂଚଳରେ ବିଭିନ୍ନ ବିଦ୍ୟାଳୟରେ ଚଳିତ ବର୍ଷ ହାଇସ୍କୁଲ୍ ପରୀକ୍ଷାରେ ୭୦ପ୍ରତିଶତ ରୁ ଅଧିକ ନମ୍ବର ରଖି ପାସ୍ କରିଥିବା ସମସ୍ତ ୮୪ଜଣ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମସ୍ଥାନ ଅଧିକାର କରିଥିବା ଭୁମିକା ଜେନାଙ୍କୁ ବିକାଶ ପରିଷଦର ଉପଦେଷ୍ଟା ଗୋଲେଖ ବିହାରୀ ପତିଙ୍କ ତରଫରୁ ୫ହଜାର ଟଙ୍କା ଏବଂ ଏବଂ ସେକ୍ ମହେବୁଲ୍ଲା ସ୍ମୃତି କମିଟି ତରଫରୁ ୧ହଜାର ଟଙ୍କା ଓ ଟ୍ରଫି ପ୍ରଦାନକରାଯାଇଥିବା ବେଳେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସୁଭଦ୍ରା ଜେନାଙ୍କୁ ୩ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ରଂଜିତା ମହାପାତ୍ରଙ୍କୁ ୨ହଜାରଟଙ୍କା ବିକାଶ ପରିଷଦର ଉପଦେଷ୍ଟା ଗୋଲେଖ ବିହାରୀ ପତି ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ସଂସ୍କୃତ ଭାଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଙ୍କୁ କୈଳାସ ନାଥ ସ୍ମୃତି କମିଟି ତରଫରୁ ୧ହଜାର ଟଙ୍କା , ଇଂରାଜୀ ଭାଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଙ୍କୁ ଆଦର୍ଶଶିକ୍ଷକ ଲୋକନାଥ ବାରିକ ସ୍ମୃତି କମିଟି ତରଫରୁ ୧ହଜାର ଟଙ୍କା ଓ ଟ୍ରଫି, ମାତୃଭାଷା ଓଡିଆରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଙ୍କୁ ମହନୀ ଦେବି ସ୍ମୃତି ସମ୍ମାନରେ ୧ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ୪୨ମୌଜା ରେ +୨ କଳା ଓ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭ୍ରାଲିସା ଦଳାଇ ଓ ସତ୍ୟଜିତ ମହାପାତ୍ରଙ୍କୁ ବଟକୃଷ୍ଣ ବିଶ୍ୱାଳ ଫାଉଣ୍ଡେସନ୍ ତରଫରୁ ୧ହଜାର ଟଙ୍କା ସହିତ ଟ୍ରଫିପ୍ରଦାନ କରାଯାଇଥିଲା ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।



ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Monday June 19, 2023 ଭୁବନେଶ୍ୱର ସୋମବାର, ଜୁନ ୧୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଚଣ୍ଡିଖୋଲ ଛକର ଟ୍ରାଫିକ ସମସ୍ୟା ନେଇ ଏକ ଆଲୋଚନାଚକ୍ର



ଦର୍ପଣ ,(ପିଏନ୍):ଚଣ୍ଡିଖୋଲ ଛକଠାରେ ୧୬ନଂ ଜାତୀୟ ରାଜପଥର ଥିବା ଟ୍ରାଫିକ ସମସ୍ୟା ସମ୍ପର୍କରେ ଏକ ଆଲୋଚନାଚକ୍ର ଚଣ୍ଡିଖୋଲ ଛକ ସ୍ଥିତ ଟ୍ରକମାଲିକ ସଂଘ କାର୍ଯ୍ୟାଳୟରେ ବରିଷ୍ଠ ନାଗରୀକ ମଂଚର ସଭାପତି ଶେଷଦେବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ଚଣ୍ଡିଖୋଲ ବଣିକ ସଂଘର ସଭାପତି କ୍ଷୀରୋଦ ମହାଲା, ଅସ୍ଥାୟୀ ବ୍ୟବସାୟୀ ସଂଘର ସଭାପତି ତଥା ସାମ୍ବାଦିକ ମହେଶ୍ୱର ବଳ, ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ବେଣୁଧର ପଣ୍ଡା, ଟ୍ରକମାଲିକ ସଂଘର ପୂର୍ବତନ ସଭାପତି ବିଭୁତି ଭୂଷଣ ଜେନା, ପଲ୍ଲୀମଙ୍ଗଳ ସେବା ସମବାୟ ସମିତିର ସଭାପତି ସଂଜୟ କୁମାର ସ୍ୱାଇଁ, ଚଣ୍ଡିଖୋଲ ଦୁର୍ଗାକମିଟିର ସମ୍ପାଦକ ତ୍ରୈଲୋକ୍ୟ ନାୟକ, ଚଣ୍ଡିଖୋଲ ପ୍ରେସ କ୍ଲବର ସଭ୍ୟ ଶିବରାମ ସାହୁ, ଚଣ୍ଡିଖୋଲ ବାର ଆସୋସିଏସନର ସଭାନେତ୍ରୀ ସୁଶ୍ରୀ ରେଣୁବାଳା ମହାନ୍ତି, ମହାବିନାୟକ ଲଘୁଖଣିଜ ପରିବହନର ସଭାପତି ଅଜାମ୍ବର ସାହୁ, ଚଣ୍ଡିଖୋଲ ମେଲଣ କମିଟିର ସଭ୍ୟ ପ୍ରଭାକର ଜେନା, ଅଟୋକମିଟିର ସଭାପତି ପ୍ରଶନ୍ନ ଚୌଧୁରୀ, ଦୁଗ୍ଧ ବ୍ୟବସାୟୀ ସଂଘପକ୍ଷରୁ ସାନ୍ତନୁ ଖିଲାର, ଛେନାବ୍ୟବସାୟୀ ସଂଘର ସଭାପତି ଶରତ କୁମାର ଭଦ୍ର, ଚଣ୍ଡିଖୋଲ ବିକାଶ ପରିଷଦର ସଭାପତି ଅବିନାସ ମହାପାତ୍ର , ସୁଙ୍ଗୁଡ଼ା ମୁସଲିମ୍ ବସ୍ତିର ସର୍ଦ୍ଦାର ସେକ ସବିରୁଦ୍ଦିନ୍, ଓ ମନୋରଂଜନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଚଣ୍ଡିଖୋଲରେ ଯେଉଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି ଯଦ୍ୱାରା ଯାତୟାତରେ ବାଧା ସୃଷ୍ଟି ହେବା ସହିତ ବ୍ୟବସାୟୀ ମାନଙ୍କର ବ୍ୟବସାୟରେ ବାଧା ସୃଷ୍ଟି ହେଉଛି । ଏଣୁ ଚଣ୍ଡିଖୋଲରେ ଥିବା ବିଭିନ୍ନ ସଂଗଠନ ପକ୍ଷରୁ ଟ୍ରାଫିକ ସମସ୍ୟାକୁ ଦୂରିଭୂତ କରିବାପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ମେଲ ଯୋଗେ ଏବ ଅଭିଯୋଗପତ୍ର ଦାଖଲ କରିବାପାଇଁ ନିଷ୍ପତ୍ତି ନିଆଗଲା । ଆସନ୍ତା ସପ୍ତାହରେ ଯାଜପୁର ଜିଲ୍ଲାପାଳ ଚଣ୍ଡିଖୋଲକୁ ଗସ୍ତହେଉଥିବାରୁ ତାଙ୍କୁ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ମଧ୍ୟ ଦିଆଯିବାପାଇଁ ନିଷ୍ପତ୍ତି ନିଆଯାଇଛି । ଚଣ୍ଡିଖୋଲର ସମସ୍ୟା ସମ୍ପର୍କରେ ରାଜନୀତିକ ନେତାମାନଙ୍କୁ ଭେଟ କରି ଏକ ଆଲୋଚନା ମଧ୍ୟ କରାଯାଇ ସମସ୍ୟା କିପରି ଦୂରିଭୂତ ହେବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ । ଆମ ଦାବିକୁ ଜିଲ୍ଲାପାଳ ଯଦିଓ ଅଗ୍ରାହ୍ୟ କରନ୍ତି ତାହାହେଲେ ଆମେ ମଧ୍ୟ ମାନ୍ୟବର ହାଇକୋର୍ଟର ଆଶ୍ରୟ ନେବାପାଇଁ ନିଷ୍ପତ୍ତି ନିଆଯାଇଛି । ଆବଶ୍ୟକ ପଡ଼ିଲେ ଚଣ୍ଡିଖୋଲ ର ସମସ୍ୟା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀଙ୍କ ସହିତ ସାକ୍ଷାତ କରିବାପାଇଁ ଆଜିର ବୈଠକରେ ନିଷ୍ପତି ନିଆଯିବା ସହ ସମସ୍ୟାର ସମାଧାନ ନହେଲେ ସ୍ଥାନୀୟ ଅଂଚଳର ବହୁ ସଂଗଠନ ଓ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ରଜ ପର୍ବ ଉପଲକ୍ଷେ କବାଡି ପ୍ରତିଯୋଗିତା

ବାସୁଦେବପୁର,(ପି.ଏନ): ପବିତ୍ର ରଜ ପର୍ବ ବାସୁଦେବପୁର ରେ ବହୁ ଧୁମ୍ ଧାମରେ ପାଳନ ହୋଇ ଯାଇଛି । ପ୍ରବଳ ଖରା ଓ ଗରମ ଯୋଗୁଁ ଦିନ ସମୟ ରେ ରାସ୍ତା ଘାଟ ଶୂନଶାନ ପଡୁ ଥିବା ବେଳେ ସଂଧ୍ୟା ବେଳେ ଜମୁଛି ରଜ ପାଳନ ର ଆସର । ଏହି ଅବସର ରେ ବାସୁଦେବପୁର ୧୧ ନ ୱାର୍ଡ ରେ ରଜ ପଦା ଠାରେ ଆୟୋଜିତ ହୋଇ ଯାଇଛି କବାଡି ପ୍ରତିଯୋଗିତା । ଜୟ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ତିନି ଦିନ ବ୍ୟାପୀ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ପ୍ରଥମ ଦିନ ରେ ୱାର୍ଡ କାଉନସିଲର କୁନ୍ତଳା ସେଠୀ ଉଦ୍ ଘାଟନ କରିଥିଲା ବେଳେ ଉଦ୍ ଜାପାନୀ ଉତ୍ସବ ରେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, ପୌର ଅଧକ୍ଷା ନିବେଦିତା ବେହେରା, ପଞ୍ଚାୟତ ସମିତି ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଅସିତ୍ ଦାସ, ଶ୍ୟାମ ସୁନ୍ଦର ମହାନ୍ତି, ଯୋଗ ଦେଇ ଥିଲେ । ଉଦଯାପନୀ ଉତ୍ସବରେ ନୀଳ ମଣି ୟୁଥ୍ କ୍ଲବ୍ ବାଲି ନଗର ଓ ମା ସାତ ଭଉଣୀ କ୍ଲବ୍ ବାସୁଦେବପୁର ମଧ୍ୟ ରେ ଅନୁଷ୍ଠିତ ହୋଇଥିଲା । ଶେଷ ରେ ମା ସାତ ଭଉଣୀ କ୍ଲବ୍ ବିଜୟୀ ହୋଇ ଟ୍ରଫି ଗ୍ରହଣ କରିଥିଲା । ଖେଳ ଟିକୁ କ୍ଲବ୍ ର ସଦସ୍ୟ ଲକ୍ଷ୍ମୀ ଧର ନାୟକ, ଅଜୟ ନାୟକ, ତାପସ ମହାନ୍ତି, ରାଜେଶ୍ ନାୟକ, ରାଜୀବ ନାୟକ, କୁନମୁନ ଚୌଧୁରୀ, , ପ୍ରତାପ ମହାନ୍ତି, ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସଫଳ କରାଇ ଥିଲେ ।

# ଆଶୀର୍ବାଦ ଅଟା ଉପସ୍ଥାପନ କରୁଛି: ୨୭୦ ଡିଗ୍ରୀ ଇମର୍ସିଭ୍ ଟୁଇଷ୍ଟ ସହିତ ପୁରୀ ରଥଯାତ୍ରା

ଭୁବନେଶ୍ୱର,(ପି.ଏନ): ଆଇଟିସି ଲିମିଟେଡର ଆଶୀର୍ବାଦ ଅଟା ଏ ବର୍ଷ ପୁରୀ ରଥଯାତ୍ରାରେ ଆପଣଙ୍କୁ ଏକ ଭାବବେଗପୂର୍ଣ୍ଣ ଯାତ୍ରାରେ ନେଇଯିବ । ତେଣୁ, ଆପଣଙ୍କ କଳ୍ପନାର ଟୋପି ସହିତ ଏକ ୨୭୦ ଡିଗ୍ରୀ ଇମର୍ସିଭ୍ ଏକ୍ସପେରିଏନ୍ସ ଆପଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବ । ଜୁନ୍ ୨୦ ତାରିଖରୁ ଜୁନ୍ ୨୯ ତାରିଖ ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ, ଗ୍ରାଣ୍ଡରୋଡ (ବଡ଼ଦାଣ୍ଡ), ପୁରୀ ରେ ଆଇଟିସି ଆଶୀର୍ବାଦର ଷ୍ଟଲକୁ ଯାଆନ୍ତୁ ଏବଂ ଓଡ଼ିଶାର ସମୃଦ୍ଧ ସଂସ୍କୃତିର ଅନୁଭବ ପାଇବା ପାଇଁ ଏକ ନାଟକୀୟ ଜଗତରେ ପଦାର୍ପଣ କରନ୍ତୁ, ରାଜ୍ୟର ସୁନ୍ଦର ପ୍ରାକୃତିକ ଦୃଶ୍ୟ ଓ ଆହୁରି ଅନେକ ଅଭୂତପୂର୍ବ ଶୈଳୀରେ ଦେଖନ୍ତୁ । ଆସନ୍ତୁ ଏହି ଅଭୂତପୂର୍ବ ଉତ୍ସବରେ ସାମିଲ୍ ହୁଅନ୍ତୁ ଯେଉଁଠି ପରମ୍ପରା ସହ ଅଭିନବତାର ସମ୍ମେଳନ ଘଟେ । ଆସନ୍ତୁ ରଥଯାତ୍ରାରେ ଆତ୍ମା ଓ ହୃଦୟର ସହ ଯୋଡ଼ିହେବା ଯାତ୍ରାରେ ବାହାରିପଡ଼ିବା ।

## ପ୍ରଦେଶ କଂଗ୍ରେସ ପକ୍ଷରୁ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତୃବୃନ୍ଦ ଗୋପବନ୍ଧୁ ଛକ ସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପିସିସି ପକ୍ଷରୁ ନେତାଗଣ କଂଗ୍ରେସ ଭବନ ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ



ସର୍ବଶ୍ରୀ ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା, ଶ୍ରୀ ପ୍ରସାଦ ହରିଚନ୍ଦନ, ବିଧାୟକ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଲଲାଟେନ୍ଦୁ ମହାପାତ୍ର, ମନୋରନ ଦାଶ, ତରୁଣ ମିଶ୍ର, ଜ୍ଞାନ ରନ ପଟ୍ଟନାୟକ, ରଜନୀ ମହାନ୍ତି, ମନୋରନ ରାଉତରାୟ, ରସିକ ପଟ୍ଟନାୟକ, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ପ୍ରଭାତ ପ୍ରତାପ ସିଂ, ଆଲୋକ ମହାନ୍ତି, ନରୋତମ ନାୟକ, ଜ୍ୟୋତିଷ ସାହୁ, ରବିନ୍ଦ୍ର ମହାପାତ୍ର, ପ୍ରଶନ୍ନ ପାଇକରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବଡଚଣା ବିଜେଡିର ଯୁବ ସମାବେଶ : ଶକ୍ତି ଦେଖାଇଲେ ଜନ୍ମେଜୟ !



ଦର୍ପଣ, (ପିଏନ୍):୧୭ ନଂ ଜୋନ ବିଜେଡିର ଯୁବ ସମାବେଶ ଆଜି ବଡଚଣା ମହୋତ୍ସବ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜେଡି ସାଧାରଣ ସଂପାଦକ ତଥା ବଡଚଣା ବିଜେଡି ନେତା ଜନ୍ମେଜୟ ଲେଙ୍କାଙ୍କ ନେତୃତ୍ୱରେ ହଜାର ହଜାର ଦଳୀୟ କର୍ମୀ ବଡଚଣା ଡାକବଙ୍ଗଳା ଠାରୁ ବିରାଟ ପଦୁଆରରେ ଆସି ମୁଖ୍ୟସ୍ଥଳରେ ପହଞ୍ଚିଥିଲେ । ଏହି ସମାବେଶରେ ଶ୍ରୀ ଲେଙ୍କା ନିଜ ଶକ୍ତି ଦେଖାଇଛନ୍ତି । ବଡଚଣା ପ୍ରାନ୍ତର ପ୍ରାକ୍ତନ ସରପଞ୍ଚ ରବିନ୍ଦ୍ର ନାଥ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟ ପୁରୋଧା ଜନ୍ମେଜୟ ଲେଙ୍କା, ଜାନକୀ ବଲ୍ଲଭ ପ୍ରଧାନ,କାର୍ତ୍ତିକ ଚନ୍ଦ୍ର ପ୍ରଧାନ,ଦୀଲିପ ସାମଲ,ଚିତ୍ତରଂଜନ ପ୍ରଧାନ, ବିଜୟ ପ୍ରଧାନ,ନିହାର ରଂଜନ ମିଶ୍ର,ସମିତି ସଭ୍ୟ ଧନେଶ୍ୱର ବେହେରା,ଧୁଳେଶ୍ୱର ଦାସ,ଖଗେଶ୍ୱର ସାହୁ,ସାଗର ସଂଗମ ଦାସ,ବିଧାନ ସାମନ୍ତରାୟ,ଶ୍ରୀଧର ବେହେରା,ସରପଂଚ ସେକ ଅବଦୁଲ ଗନି,ସେକ ଜିୱାଲା,ପ୍ରମୋଦ ଜେନାଙ୍କ ସମେତ ବହୁ କର୍ମୀ ଯୋଗଦେଇ ନବୀନ ସରକାରର ବିକାଶମୂଳକ କାର୍ଯ୍ୟ ଉପରେ ଆଲେକପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଲେଙ୍କା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ବିଜେଡି ସରକାରରେ ଓଡିଶାର ଅନେକ ବିକାଶ ହୋଇଛି, ଏହା ମଧ୍ୟରେ ବଡଚଣା ବିକାଶ କିଛି ହୋଇଛି ଆଉ କିଛି ରହିଯାଇଛି । ଆଗାମୀ ଦିନରେ ଏହା ପୁରଣ ହୋଇପାରିବ । ଯୁବ ବର୍ଗକୁ ଆଗକୁ ଛାଡିବାର ସମୟ ଆସିଛି,ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ସବୁବେଳେ ଗୋଟିଏ କଥା କହନ୍ତି ଯୁବ ଓ ଛାତ୍ର ହେଉଛନ୍ତି ଆଗାମୀ ଭବିଷ୍ୟତ । ତାଙ୍କୁ ଆଗକୁ ଛାଡିଲେ ରାଜ୍ୟ ବିକାଶ ହୋଇପାରିବ ବୋଲି କହିବା ସହ ମୁଁ ବଡଚଣା ବାସୀଙ୍କ ସହିତ ରହିଛି ଓ ରହିବି ବୋଲି କର୍ମୀ ମାନଙ୍କୁ ପ୍ରତିଶୃତି ଦେଇଥିଲେ ।

## ନିଟ ପରୀକ୍ଷାରେ ଆର୍ଚ୍ଚିଙ୍କ ସଫଳତା

ଦର୍ପଣ,(ପିଏନ୍):ଚଳିତ ବର୍ଷ ସର୍ବଭାରତୀୟ ଡ଼ାକ୍ତରୀ ଶିକ୍ଷା ନିମନ୍ତେ ଅନୁଷ୍ଠିତ ପ୍ରବେଶିକା (ନିଟ୍) ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଚଣ୍ଡିଖୋଲ ସନ୍ନିକଟ ରାହାଶାଳ ଗ୍ରାମର ମହେନ୍ଦ୍ର କୁମାର ନାୟକ, ମାତା ପ୍ରମୋଦୀନି ନାୟକଙ୍କ ଝିଅ ଆର୍ଚ୍ଚିନାୟକ ପ୍ରଥମ ଥର ପରୀକ୍ଷା ଦେଇ କୃତିତ୍ୱ ସହିତ ପାସ କରିଛନ୍ତି । ସେ ସର୍ବଭାରତୀୟ ସ୍ତରରେ ୫ହଜାର ୨୦ ର୍ୟାଙ୍କ ରଖିବା ସହିତ ୭୨୦ ନମ୍ବରରୁ ୬୫୮ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି । ପୂର୍ବରୁ ଆର୍ଚ୍ଚି +୨ ବିଜ୍ଞାନ ପରୀକ୍ଷାରେ ଶତକଡ଼ା ୯୬ ନମ୍ବର ରଖି ଲଜପତ ରାୟ ଡ଼ିଏଭି ପବ୍ଲିକ ସ୍କୁଲରୁ କୃତିତ୍ୱ ହାସଲ କରିଛନ୍ତି । ସେ ଆକାସ ଇନ୍ଷ୍ଟିଚ୍ୟୁଟ୍ରୁ କୋଚି ନେଇଥିଲେ । ତାଙ୍କର ଏହି ସଫଳତାରେ ସେ ଜଣେ ଭଲ ଡ଼ାକ୍ତର ହୋଇ ସମାଜର ଅବହେଳିତ, ନିଷ୍ପେଷିତ ଓ ନିର୍ଯାତିତ ଲୋକମାନଙ୍କର ସେବା କରିବେ ବୋଲି କହିଛନ୍ତି ।

# ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ଅଷ୍ଟମ ସ୍ୱନକ୍ଷେତ୍ର ଉତ୍ସବ ପାଳିତ



କୋଣାର୍କ,(ପି.ଏନ):କୋଣାର୍କର ଅଗ୍ରଣୀ ସ୍ୱଚ୍ଛାସେବୀ ସଙ୍ଗଠନ ଅର୍କଶ୍ରୀ ପକ୍ଷରୁ ଓଡିଶାର ଅନ୍ୟତମ ଗଣପର୍ବ ରଜ ଉତ୍ସବ ପାଳନ ଅବସରରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ୮ମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇ ଯାଇଛି । ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତା ଚାରିଦିନ ବ୍ୟାପି ଆୟୋଜିତ ଏହି ଗଣପର୍ବରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ଚର୍ଚ୍ଚା ଓ କବିତା ପାଠୋଉତ୍ସବ ଆୟୋଜିତ ହୋଇଥିଲା । ଉଦ୍‌ଘାଟନ ଦିବସରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ, କୋଣାର୍କ ରଜ ଉତ୍ସବର ଆୟେଜକ ତଥା ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ପୁରୀ ଜିଲ୍ଲା ଯାଦବ ମହାସଂଘ ସଭାପତି ଗୋପାଳ ଚନ୍ଦ୍ର ବେହେରା, କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ନୃଶିଂହଚରଣ କର, ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ଶିକ୍ଷାବିତ ପଦ୍ମନାଭ ତ୍ରିପାଠୀ, ସମାଜସେବୀ ସନ୍ତୋଷ କୁମାର ସାହୁ, କଣ୍ଠଶିଳ୍ପୀ ଗଗନବିହାରୀ ସ୍ୱାଇଁ, କବି ବିକ୍ରମ କେଶେରୀ ଚମ୍ପତୀ, ଆର ସାହିତ୍ୟ ପରିଷଦର ସମ୍ପାଦକ ଡଃ ଧିରେନ ନନ୍ଦ ପ୍ରମୁଖ ଯୋଗ ଦେଇ କେକ୍ କାଟି ନିଷିଗନ୍ଧା ଭାଷା ପ୍ରତିଷ୍ଠାନର ଅଷ୍ଟମ ସ୍ୱନକ୍ଷେତ୍ର ଉତ୍ସବକୁ ଧୁମଧାମରେ ପାଳନ କରିଥିଲେ । ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇଙ୍କୁ କୋଣାର୍କ ଭାଷା ସାହିତ୍ୟ ସମ୍ମାନ, କୋଣାର୍କ ରଜ ଉତ୍ସବର ଆୟେଜକ ତଥା ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ ନିଶିଗନ୍ଧା ସେବାରତ୍ନ ସମାନା ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବି, କବୟିତ୍ରୀ, ସାହିତିକ୍ୟ ଓ ଲୋଖକମାନେ ଯୋଗ ଦେଇ ସାହିତ୍ୟ ଚର୍ଚ୍ଚା, କବିତା ପାଠ କରିବା ସହିତ କାର୍ଯ୍ୟକ୍ରମକୁ ସରସ ଶୁନ୍ଦର କରିଥିଲେ । ନିଶିଗନ୍ଦା ଭାଷା ପ୍ରତିଷ୍ଠାନର ପକ୍ଷରୁ ସମାଜସେବା କ୍ଷେତ୍ରରେ ଉଲ୍ଲେକ୍ଷନୀୟ ଅବଦାନ ପାଇଁ ବିଭିନ୍ନ ଦିବସରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ଉପଢୋକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ମା' ଭଗବତୀଙ୍କ ପୀଠରେ ଅର୍କଶ୍ରୀ ଓ ନିଷିଗନ୍ଧା ଭାଷା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଚାରିଦିନା ୨୪ତମ ରଜ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଉତ୍ସବର ବିଭିନ୍ନ ଦିବସରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ଅତିଥିମାନେ ଯୋଗଦେଇ ଆମ ଓଡିଶାର ପରମ୍ପରା ଓ ସଂସ୍କୃତି ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରିଥାଏ ବୋଲା ମତପୋଷଣ କରିଥିଲେ । ଚାରିଦିନ ବ୍ୟାପି ରଜ ଉତ୍ସବରେ ଆବାଳ ବୃଦ୍ଧ ବନିତା ସମବେତ ହୋଇଥିଲେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମା' ଭଗବତୀଙ୍କ ପୀଠରେ । ଏଠାରେ ଥିବା ବିଶାଳକାୟ ବଟବୃକ୍ଷର ଶାଖା ପ୍ରଶାଖାରେ ଝୁଲୁଥିବା ଦୋଳିରେ ଖେଳିଥିଲେ ଝିଅ ବୋହୁମାନେ । ଅସ୍ୟ ଗରମ ହେଉଥିଲେ ମଧ୍ୟ ଉତ୍ସବ ସ୍ଥଳିରେ ସମବେତ ହୋଇଥିଲେ ଆବାଳବୃଦ୍ଧବନିତା । ବିଭିନ୍ନ ପ୍ରକାର ରଜଗୀତ ବୋଲି ଝୁଲିଥିଲେ ରଜ ଦୋଳିରେ । ମହିଳା ଓ ଯୁବତୀମାନେ ପରସ୍ପରକୁ ଅଳତା ଲଗାଇ ରଜସଜବାଜ ହୋଇଥିଲେ । ଉତ୍ସବସ୍ଥଳୀରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା, ମୁଢ଼ି ଓ ରଜପାନର ଆସର ଜମିଥିଲା । ରଜ ଉତ୍ସବ ପାଳନ ଅବସରରେ ବିଭିନ୍ନ ପ୍ରକାର ପାରମ୍ପରିକ ପ୍ରତିଯୋଗୀତା ହୁଳହୁଳି, କାନ୍ଦଣା, ଝୋଟି, ତାସ, ଲୁଡୁ, ମେହେନ୍ଦି, ପୁଚି, ମ୍ୟୁଜିକ ଚ୍ୟାରା, ନଡ଼ିଆ ଲଢ଼େଇ ପ୍ରଭୃତି ଆୟୋଜିତ ହୋଇ ଉତ୍ସବ ସ୍ଥଳୀକୁ ରଜମୌଜରେ ଉଲ୍ଲସିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ଅର୍କଶ୍ରୀ ଓ ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲୋ




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray